**ଡୁଙ୍ଗୁରାରେ ରଥଯାତ୍ରା ପାଳିତ**

ଗୁଡଭେଲା(ମନୋଜ କୁମାର ଜୈନ): ବଲାଙ୍ଗୀର ଜିଲା ଡୁଙ୍ଗୁରା ସହରରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଡୁଙ୍ଗୁରା ଜଗନ୍ନାଥ ମନ୍ଦିରରୁ ରଥରେ ଜଗନ୍ନାଥଙ୍କୁ ରଥରୁଢ କରି ଭକ୍ତମାନେ ମାଉସୀ ମା’ ମନ୍ଦିର ପର୍ଯ୍ୟନ୍ତ ନେଇ ଥିଲେ । ରଥଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା ।

# ଶ୍ରୀଜୀଉଙ୍କ ରଥ ଟାଣିଲେ ଭକ୍ତ

**ବଲାଙ୍ଗୀର,୭।୭(ବୀରେନ୍ଦ୍ର କୁମାର ଝାଙ୍କର)**

ରବିବାର ବଲାଙ୍ଗୀର ସହରରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି । ପ୍ରବଳ ବର୍ଷା ଯୋଗୁ ନିର୍ଦ୍ଧାରିତ ସମୟରେ ପହଣ୍ଡି ବିଜେ ହୋଇପାରି ନ ଥିଲା । ବର୍ଷା କମିବା ପରେ ଗୋପାଳଜୀ ମନ୍ଦିରର ଶ୍ରୀଜୀଉଙ୍କ ଛେରାପହଁରା ଅନୁଷ୍ଠିତ ହୋଇଥିଲା । ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ଲିକା ସାହୁ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର,ଏସ୍‌ପି ଋଷିକେଶ ଖିଲାରି, ଗୋପାଳ ପ୍ରଧାନ, ଶ୍ୟାମ ଗୁରୁ ଓ ଅନ୍ୟମାନେ ଯୋଗଦାନ କରିଥିଲେ । ମନ୍ଦିରରେ ତିନି ଜୀଉଙ୍କ ପୂଜାବିଧି ସରିବା ପରେ ପହଣ୍ଡି ବିଜେ ହୋଇଥିଲା । ଗୋପାଳଜୀ ମନ୍ଦିରରୁ ତିନି ଠାକୁରଙ୍କୁ ରଥାରୂଢ଼ କରାଯିବା ପରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ । ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇ ହସ୍ପିଟାଲ ଛକ ପାଖ ମାଉସୀ ମା’ ମନ୍ଦିରକୁ ନେଇଥିଲେ ।


ଗୋପାଳଜୀ ମନ୍ଦିର ରଥକୁ ଭକ୍ତମାନେ ଟାଣି କରି ନେଉଛନ୍ତି ।

ସହରର ଅନ୍ୟତମ ଲୋକପ୍ରିୟ ରଥ ସାହାଣୀ ରଥ, ଜଗନ୍ନାଥପଡାର ରଥ, ଟିକ୍ରାପଡା ଚାନ୍ଦ ମନ୍ଦିର ରଥ, ଶୈଳଶ୍ରୀ ପେଲେସରୁ ବାହାରିଥିବା ରଥ, ପ୍ରତାପ ସାଗରପଡା, ଟିକ୍ରାପଡା ରଥ ଓ କଳାମଣ୍ଡଳପଡା ରଥକୁ ଭକ୍ତମାନେ ଟାଣି ମାଉସୀ ମା’ ମନ୍ଦିରରେ ପହଞ୍ଚାଇ ଥିଲେ । ଜଗନ୍ନାଥପଡାର ତିନି ଠାକୁରଙ୍କ ରଥ ଟିକ୍ରାପଡା ଛକସ୍ଥିତ ଗାନ୍ଧୀ ପାଠାଗାର ମାଉସୀ ମା’ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା ।

**ବଲାଙ୍ଗୀରରେ ରଥଯାତ୍ରା ଉତ୍ସାହ**

। ଚାନ୍ଦ ମନ୍ଦିରର ରଥ ବାହାରି ଶ୍ରୀରାମ ମାନସ ମନ୍ଦିର ନିକଟରେ ପହଞ୍ଚି ଥିଲା । ଟିକ୍ରାପଡା ରଥ ଏଥର ତେଲିଗୋଠପଡା ଠାରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିର ମାଉସୀ ମା’ ମନ୍ଦିର ଯାଏଁ ଆସିଥିଲା । ତୁଳସୀନଗରର ରଥ ଦୁର୍ଗାମଣ୍ଡପ ମାଉସୀ ମା’ ମନ୍ଦିରରେ ପହଞ୍ଚି ଥିଲା । ସାହାଣୀ ରଥ ଦୁର୍ଗାମନ୍ଦିର ମାଉସୀ ମା’ ମନ୍ଦିରକୁ ଆସିଥିଲା । ସାହାଣୀ ରଥ ଟଣା ପରିଚାଳନାରେ ସମୀର ସାହାଣୀ, ସୁରଞ୍ଜିତ ସାହାଣୀ, ପେଟୁ ସାହାଣୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ପେଲେସ ରଥ ମାଳପଡା ରାମମନ୍ଦିର ମାଉସୀ ମା’ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା । ଏହାଛଡା ଗୋପବନ୍ଧୁ ନଗରରେ ରଥଯାତ୍ରାରେ ଭିଡ ପରିଲକ୍ଷିତ ହୋଇଥିଲା । ଠିକାଦାରପଡା, କଳାମଣ୍ଡଳ, ଲାଲଟିକ୍ରା, ଗାନ୍ଧୀନଗରପଡା, ବରପାଲିପଡା ଓ ସହରର ଅନ୍ୟାନ୍ୟ ପଡାରେ ମଧ୍ୟ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ବିଭିନ୍ନ ପଡାରେ ରଥ ଟାଣିଥିଲେ । ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଟାଉନ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଓ ପୋଲିସ ଅଧିକାରୀମାନେ ରଥଯାତ୍ରାକୁ ତଦାରଖ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ହୋଟେଲଠାରେ ରଥଯାତ୍ରା ଧାରା ବିବରଣୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜଗନ୍ନାଥ ସଂସ୍କୃତି ଏବଂ ରଥଯାତ୍ରା ଉପରେ ଶିକ୍ଷାବିତ୍ ସନାତନ ଠାକୁର, କବି ମଧୁସୂଦନ ନାୟକ, ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଏବଂ ପ୍ରବଚିକା ଏଲୋରା ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ ।

## ସବୁଠି ଗଡ଼ିଲା ରଥ, ଦର୍ଶନ ଦେଲେ ଠାକୁର


ହରିଶଙ୍କରରେ ଜଗନ୍ନାଥଙ୍କ ପହଣ୍ଡି ।

**ଖପ୍ରାଖୋଲ,୭।୭(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ଗାଁରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସଦର ମହକୁମାରେ ଜଗନ୍ନାଥ ମନ୍ଦିରରୁ ରଥ ଟଣା ହୋଇ ଥାନା ଛକ ଯାଏଁ ଅଣା ଯାଇଥିଲା । ଠାକୁର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା । ପୂଜକ ରମେଶ ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ସେହିପରି ହରିଶଙ୍କରଠାରେ ମଧ୍ୟ ଦଧିବାମନ ମହାପ୍ରଭୁଙ୍କ ରଥଯାତ୍ରା ଶାନ୍ତିଶୃଖଂଳାର ସହ ଅନୁଷ୍ଠିତ ହୋଇଥିଲା । ପୂଜକ ସଞ୍ଜୟ ପାଣିଗ୍ରାହୀ, କମଳାପତି ପାଣିଗ୍ରାହୀ ପୂଜା କାର୍ଯ୍ୟ କରିଥିଲେ । ସଙ୍କୀର୍ତ୍ତନ ମଣ୍ଡଳୀ, ଭକ୍ତଙ୍କ ମେଳରେ ଠାକୁରଙ୍କ ପହଣ୍ଡି କରି ରଥରେ ନାନ୍ଦୁପଲା ଗାଁ ପର୍ଯ୍ୟନ୍ତ ରଥଟଣା ଯାଇଥିଲା । ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିବା ବେଳେ ଥାନା ଅଧିକାରୀ ନରେନ୍ଦ୍ର ଛତର ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ସେହିପରି ଧଣ୍ଡାମୁଣ୍ଡାଠାରେ ମଧ୍ୟ ତିନିଠାକୁରଙ୍କ ପହଣ୍ଡି ଓ ରଥଟଣା ହୋଇଥିଲା । ପୂଜକ ବୈଦ୍ୟନାଥ ମିଶ୍ର, ବଶିଷ୍ଠ ମିଶ୍ରଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

# ଭକ୍ତିମୟ ପରିବେଶରେ ହେଲା ରଥଟଣା


ବୁର୍ଡାରେ ରଥାରୂଢ଼ ତିନି ଠାକୁର ।

**ଲୋଇସିଂହା,୭।୭(ସୁଶାନ୍ତବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା,ବୁର୍ଡା,ଯୋଗୀସର୍ଡା, ଭାଲିଆମୁଣ୍ଡା ଆଦି ଗ୍ରାମର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ଘୋଷଯାତ୍ରା ରବିବାର ମହାସମାରୋହରେ ପାଳିତ ହୋଇଯାଇଛି । ଗୋଟିଏ ଦିନରେ ମହାପ୍ରଭୁଙ୍କ ଘୋଷଯାତ୍ରା ଏବଂ ନବଯୌବନ ବେଶ ଦର୍ଶନ ଲାଭ କରି ଭକ୍ତ ବିଭୋର ହୋଇ ପଡିଥିଲେ । ଅପରାହ୍ନରେ ମନ୍ଦିର ପୂଜକ, ଗ୍ରାମ୍ୟ କମିଟି, ଶ୍ରଦ୍ଧାଳୁଙ୍କ ଉପସ୍ଥିତରେ ମଙ୍ଗଳ ଆରତୀ, ପହଣ୍ଡି ବିଜେ କରି ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା । ଭକ୍ତମାନେ ଭଜନ, ସଂକୀର୍ତ୍ତନ, ଘଣ୍ଟବାଦ୍ୟ ବଜାଇ ଏବଂ ଡାହୁକ ଗୀତ ଗାଇ ଭକ୍ତିମୟ ପରିବେଶରେ ମାଉସୀ ମା’ ମନ୍ଦିର ଯାଏ ରଥ ଟାଣିଥିଲେ । ଲୋଇସିଂହା ବ୍ଲକ ଅଧୀନସ୍ଥ ଭାଲିଆମୁଣ୍ଡା ବଳଦେବଜୀଉ ମନ୍ଦିର ପୁରୋହିତ ଜୟନାରାୟଣ ମିଶ୍ର, ବୁର୍ଡା ମନ୍ଦିର ପୂଜକ ମନୋଜ ଦାଶ, ଲୋଇସିଂହା ମନ୍ଦିର ପୂଜକ ଟିଙ୍କୁ ପାଣ୍ଡିଆ, ଯୋଗୀସର୍ଡା ମନ୍ଦିର ପୂଜକ ନବୀନ ପଣ୍ଡାଙ୍କ କହିବା ଅନୁଯାୟୀ, ଭୋର ୪ଟାରେ ମନ୍ଦିର ଦ୍ୱାର ଫିଟା ହୋଇ ସାଢେ ୪ଟାରେ ମଙ୍ଗଳ ଆଳତୀ ଅର୍ପଣ କରାଯାଇଥିଲା । ୫ଟାରେ ସୂର୍ଯ୍ୟପୂଜା, ୮ ଟାରେ ମଙ୍ଗଳା ରୋପଣ ସାରି ନେତ୍ରୋସବ, ନବଯୌବନ ବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏହାପରେ ଗ୍ରାମ୍ୟ ଗଉଁନ୍ତିଆଙ୍କ ଦ୍ୱାରା ରଥରେ ନେତବନ୍ଧା କାର୍ଯ୍ୟ ସାରି ପୂଜକଙ୍କ ଦ୍ୱାରା ଅନ୍ନପ୍ରସାଦ ଲାଗି ହୋଇଥିଲା । ଅପରାହ୍ନରେ ମଙ୍ଗଳଆରତୀ କରାଯାଇ ପୁରୋହିତ , ମନ୍ଦିର ପୂଜକ, ଗଉନ୍ତିଆ,ଗ୍ରାମ୍ୟ କମିଟି ସଭ୍ୟ ଏବଂ କର୍ତ୍ତା ପ୍ରମୁଖ ଛେରାପହଁରା ତଥା ପହଣ୍ଡି ବିଜେ କରି ଠାକୁରଙ୍କୁ ରଥାରୂଢ କରାଯାଇଥିଲା । ଅନୁକୂଳ ପାଗ ରହିଥିବାରୁ ଏହି ସମସ୍ତ ସ୍ଥାନରେ ମହାପ୍ରଭୁଙ୍କୁ ଦର୍ଶନ ଓ ଘୋଷଯାତ୍ରା ଦେଖିବାକୁ ଶହ ଶହ ଭକ୍ତଙ୍କ ସମାଗମ ଲାଗି ରହିଥିଲା । ବ୍ୟବସାୟୀଙ୍କ ବେପାର ମଧ୍ୟ ବେଶ ଜମିଥିଲା । ପ୍ରକାଶ ଯେ, ଭାଲିଆମୁଣ୍ଡା ବଳଦେବଜୀଉ ମନ୍ଦିର ନୀତିକାନ୍ତି ପୁରୀ ମନ୍ଦିର ସହ ସାମଞ୍ଜସ୍ୟ ରହିଥିବା ଯୁବ ପୁରୋହିତ ମିଶ୍ର କହିଛନ୍ତି । ଏଠାରେ ତୃତୀୟା ପର୍ଯ୍ୟନ୍ତ ରଥାରୂଢ ହୋଇ ପୂଜା ପାଇଥାନ୍ତି ଠାକୁର । ତୃତୀୟା ସନ୍ଧ୍ୟାରେ ମାଉସୀ ମା’ ଘରକୁ ବିରଜମାନ କରିଥାନ୍ତି । ୩ ଦିନ ଧରି ଯାତ୍ରା ଅନୁଷ୍ଠିତ ହୋଇଥାଏ ।







## ଦେଓଗାଁର ବିଭିନ୍ନ ସ୍ଥାନରେ ରଥଯାତ୍ରା


ଦେଓଗାଁରେ ରଥଯାତ୍ରା ।

**ଦେଓଗାଁ,୭।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହେଉଛି । ଏହି ଦିନ ଦେଓଗାଁ କଛାରପାଲିସ୍ଥିତ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଜଗନ୍ନାଥ ମହାପ୍ରଭୁଙ୍କୁ ରଥାରୂଢ଼ କରି ଦେଓଗାଁ କଛାରପାଲି ପରିକ୍ରମା କରାଯାଇଥିଲା । ପୂଜକ ଭାବେ ପ୍ରଦ୍ୟୁମ୍ନ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ଅର୍ଡାରେ ମଧ୍ୟ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ମୀନାବଜାର ମୁଖ୍ୟ ଆକର୍ଷଣର କେନ୍ଦ୍ର ସାଜିଛି । ମୁରସିଂ ରେଙ୍ଗାଲପଡାସ୍ଥିତ ଅଭିନବ ଶ୍ରୀକ୍ଷେତ୍ରରେ ତିନୋଟି ରଥରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ରଥାରୂଢ଼ କରି ରଥଟଣା ଆରମ୍ଭ ହୋଇଛି । ସାଲେପାଲି ଓ ଜରାସିଂହାରେ ମଧ୍ୟ ସମାରୋହରେ ରଥଯାତ୍ରା ଆରମ୍ଭ ହୋଇଛି । ସାଲେପାଲିରେ ତିନୋଟି ରଥରେ ତିନି ଠାକୁରଙ୍କୁ ରଥାରୂଢ଼ କରାଯାଇଥିବା ବେଳେ ଦଶଦିନ ଧରି ଦଶାବତାର ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ । ସିଂହା ମୁଣ୍ଡାରେ ମଧ୍ୟ ଗ୍ରାମବାସୀଙ୍କ ଉଦ୍ୟମରେ ନୂତନ ଭାବେ ନନ୍ଦିଘୋଷ ରଥ ନିର୍ମାଣ କରି ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଛି ।

## ବାଲୁକା କଳାରେ ନିଆରା ପରିବେଶ ବାର୍ତ୍ତା




**ବଲାଙ୍ଗୀର,୭।୭(ବୀରେନ୍ଦ୍ର କୁମାର ଝାଙ୍କର)**

ପବିତ୍ର ଘୋଷଯାତ୍ରା ଓ ବନ ମହୋତ୍ସବ ଉପଲକ୍ଷେ ବଲାଙ୍ଗୀର ଡିଏଫ୍‌ଓ ଅଫିସ ପକ୍ଷରୁ ଏକ ବାଲୁକା କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଅନ୍ତର୍ଜାତିକ ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ୮ ଟନ ବାଲିରେ ଗଛ ବଞ୍ଚିଲେ ମୁଁ ବଞ୍ଚିବି ଶୀର୍ଷକ ବାଲୁକା ଭାସ୍କର୍ଯ୍ୟ ନିର୍ମାଣ କରିଛନ୍ତି । ପୁରୀ ମନ୍ଦିରରେ ଜଗନ୍ନାଥଙ୍କ ରଥକୁ ସୁରକ୍ଷିତ ରଖି ପ୍ରତିବର୍ଷ ରଥ ତିଆରି ପାଇଁ ଗଛ ନ କାଟିବା ପାଇଁ ବାର୍ତ୍ତା ଦେଇଛନ୍ତି । ଚଳିତବର୍ଷର ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ପରିବେଶବିତ୍‌ମାନଙ୍କ ମତରେ ବହୁ ପରିମାଣର ଗଛର ଆବଶ୍ୟକତା ଥିବାରୁ ପୁରୀ ମନ୍ଦିରର ରଥ ତିଆରି ପରମ୍ପରାରେ ପରିବର୍ତ୍ତନ ଆଣିବା ପାଇଁ ବାଲୁକା ଶିଳ୍ପୀ ସାହୁ ଜଗନ୍ନାଥଙ୍କ ନିକଟରେ ଗୁହାରି କରିଛନ୍ତି । ଉକ୍ତ ବାଲୁକା କଳା ବଲାଙ୍ଗୀରରେ ଆକର୍ଷଣ ସାଜିଛି । ଉକ୍ତ ମଡେଲଟି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ବୋଲି ଶିଳ୍ପୀ ସାହୁ ସୂଚନା ଦେଇଛନ୍ତି ।

## କଣ୍ଟାବାଞ୍ଜିର ବିଭିନ୍ନ ସ୍ଥାନରେ ଚାରାରୋପଣ

**କଣ୍ଟାବାଞ୍ଜି,୭।୭(ଗୁରୁଦୟାଲ ହଂସ)**

ଜୁଲାଇ ମାସର ପ୍ରଥମ ସପ୍ତାହକୁ ବିଶ୍ୱ ବନ ମହୋତ୍ସବ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ପରିସରରେ ବନ ମହୋତ୍ସବ ପାଳନ ଅବସରରେ ବନୀ କରଣ କରାଯାଇଛି । ଏହି ଅବସରରେ ସ୍ଥାନୀୟ ସିଭିଲ କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ସ୍ୱାଗତି ଦାଶ, ସବ୍‌ଜଜ୍ ପରିତୋଷ ସେଠୀ, ଜେଏମଏଫସି ରାହୁଲ କୁମାର ଜେନା ଯୋଗଦେଇ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ । ସ୍ଥାନୀୟ ଫରେଷ୍ଟ ରେଞ୍ଜ ଅଫିସର ଏସ.ସାହୁ, ଓକିଲ ସଂଘର ସମସ୍ତ ସଭ୍ୟାସଭ୍ୟ, କୋର୍ଟ କର୍ମଚାରୀ, ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ । ସେହିପରି ତୁରେକେଲା ବ୍ଲକର ଉପାନ୍ତ ମାଓ ପ୍ରବଣ ଅଞ୍ଚଳ କମେଇମୁଣ୍ଡା ପଞ୍ଚାୟତର ରହେନଭଟା ଗ୍ରାମରେ ମଧ୍ୟ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ରେଞ୍ଜ ସଦର ଫରେଷ୍ଟର ନାପ ହରପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ



ଚାରାରୋପଣ କରିଥିଲେ । କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନାର ସଭାପତି ଏବଂ ଜଙ୍ଗଲ ସୁରକ୍ଷା ସମିତିର କର୍ମକର୍ତ୍ତାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ସେହିପରି ମାନ୍ଦଲା ଗ୍ରାମସ୍ଥିତ ସରକାରୀ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଗ୍ରାମବାସୀଙ୍କ ସହଯୋଗରେ ବନ ମହୋତ୍ସବ ପାଳନ ଅବସରରେ ବନୀକରଣ କରିଛନ୍ତି । ସ୍ଥାନୀୟ ଅବକାରୀ ଥାନା ପରିସରରେ ଅବକାରୀ କର୍ମଚାରୀମାନଙ୍କ ଦ୍ୱାରା ମଧ୍ୟ ଚାରା ରୋପଣ କରାଯାଇଥିଲା । ଅବକାରୀ ଥାନା ଅଧିକାରୀ ପ୍ରବୀଣ କୁମାର ସାହୁ ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଶତାଧିକ ଚାରାରୋପଣ କରାଯାଇଥିଲା ।

## ବେଲପଡ଼ାରେ ରଥଯାତ୍ରା

**ବେଲପଡ଼ା,୭।୭(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ାଠାରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଅପରାହ୍ନ ୪ ଟାରେ ମହାପ୍ରଭୁଙ୍କ ଛେରାପହଁରା କାର୍ଯ୍ୟକ୍ରମ ପରେ ତିନି ଠାକୁର ରଥାରୂଢ଼ ହୋଇଥିଲେ । ସଙ୍କୀର୍ତ୍ତନ, ଘଣ୍ଟ ଘଣ୍ଟା, ହୁଳହୁଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ଭକ୍ତି ଭାବମୟ ପରିବେଶରେ ରଥଟଣା ହୋଇଥିଲା । ରଥ ମେହେରପଡ଼ା, ବଜରଙ୍ଗ ବଳିପଡ଼ା, ତଳିପଡ଼ା ଦେଇ ମାଉସୀ ମା’ ମନ୍ଦିରପଡ଼ାରେ ପହଞ୍ଚି ଥିଲା । ରଥ ଟାଣିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ରଥ ମାଉସୀ ମା’ ମନ୍ଦିରରେ ପହଞ୍ଚିବା ପରେ ପଡ଼ାବାସୀ ତିନି ଠାକୁରଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇ ପଡିଥିଲେ । ସେହିପରି ବେଲପଡ଼ା ବ୍ଲକର ଘଗୁର୍ଲି, ନୁନହାଡ,ମଣ୍ଡଳ ଠାରେ ମଧ୍ୟ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପାନହୋଇଯାଇଛି ।







ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରଥଯାତ୍ରାର ଦୃଶ୍ୟ: ଭଟଲି ରଥଯାତ୍ରା

ଗାଇସିଲଟ୍ ରଥଯାତ୍ରା

ଅତାବିରା ବ୍ଲକ କାଠଡେରା ଅଞ୍ଚଳର ପ୍ରସିଦ୍ଧ ରଥ ମେଳଣ।

# ଶାନ୍ତିଶୃଙ୍ଖଳା ସହ ନୃସିଂହନାଥ ରଥଯାତ୍ରା ସମ୍ପନ୍ନ

ପାଇକମାଲ,୭।୭(ବଡ ଶତପଥୀ)

ବରଗଡ ଜିଲାର ପ୍ରସିଦ୍ଧ ନୃସିଂହନାଥ ମନ୍ଦିରରେ ରବିବାର ଭକ୍ତମାନଙ୍କ ପ୍ରବଳ ଭିଡ ମଧ୍ୟରେ ଶାନ୍ତିଶୃଙ୍ଖଳା ସହ ନୃସିଂହନାଥ ରଥଯାତ୍ରା ସମ୍ପନ୍ନ ହୋଇଯାଇଛି। ତିନି ଠାକୁରଙ୍କୁ ବ୍ରାହ୍ମଣ ସମାଜ କର୍ମକର୍ତ୍ତାମାନେ ନୂତନ ବସ୍ତ୍ର ପିନ୍ଧାଇ ବେଶ ଭୁଷା କରି ଫୁଲ ଚନ୍ଦନ ତୁଳସୀ ମାଳା ସହ ସୁନ୍ଦର ସାଜଶଯ୍ୟା କରିଥିଲେ। ପୂଜାପାଠ ନୈବେଦ୍ୟ ଅର୍ପଣ, ଆଳତି କରି ପହଣ୍ଡିରେ ଠାକୁରମାନଙ୍କୁ ରଥକୁ ଅଣାଯାଇଥିଲା। ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଛେରା ପହରା କରିଥିଲେ। ନୃସିଂହନାଥରୁ ଦୀର୍ଘ ୪ କି.ମି. ରାସ୍ତାରେ ୩ଠାକୁରଙ୍କୁ ରଥରେ ବସାଇ ଟାଣି ସନ୍ଧ୍ୟାରେ ପାଇକମାଲସ୍ଥିତ ମାଉସି ମା' ମନ୍ଦିରକୁ ଅଣାଯାଇଛି। ଗରମ କମି ଯାଇଥିବାରୁ ଅପରାହ୍ନରେ ବହୁ ସଂଖ୍ୟାରେ ଭକ୍ତମାନେ ରଥଯାତ୍ରାରେ ଯୋଗଦେଇଥିଲେ। ନୃସିଂହନାଥରୁ ଅପରାହ୍ନ ୩ଟାରେ ବାହାରି ପାଇକମାଲ ଦୁର୍ଗାପାଲି, ଦଣ୍ଡପାଟ ଓ ଜର୍ଜଗଡ଼, ନରସିଂହପଡା ଆଦି ଗ୍ରାମ ଦେଇ ରାସ୍ତା କଡରେ ବିଭିନ୍ନ ଝୋଟି ଅଙ୍କାଯାଇ ପୂର୍ଣ୍ଣ କଳସରେ ପାଣି ରଖି ତିନି ଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ ଓ ଶିଶୁମାନଙ୍କୁ ରଥ ଛୁଆଁ ଯାଉଥିଲା। ରାତି ୭ଟାରେ ୩ ଠାକୁର ମାଉସୀ ମା' ମନ୍ଦିର ବିଜେ ହେବା ପରେ କୁରମାନଙ୍କ ସେବାରେ ଲାଗି ପଡିଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ପକ୍ଷରୁ ମଧୁର ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ରଥଯାତ୍ରା ପାଇଁ ନୃସିଂହନାଥଙ୍କ ମନ୍ଦିରରେ ସମସ୍ତ ପ୍ରକାର ନୀତିକାନ୍ତି ସମୟ ମୁତାବକ ସେବାୟତ ତଥା ଭକ୍ତଙ୍କର ଦ୍ୱାରା ସମ୍ପାଦନ କରାଯାଇଥିଲା। ଏଥର ରଥଯାତ୍ରାରେ ବହୁତ ଭକ୍ତ ଏକତ୍ରିତ ହୋଇଥିବାବେଳେ ପାଞ୍ଚ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟ ସାମିଲ ହୋଇଥିଲେ। ବହୁତ ସୁନ୍ଦର ଭାବେ ରଥଟଣା ଆରମ୍ଭ ହୋଇଥିଲା ବୋଲି ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି।







# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

ସରଣ୍ଡା,୭।୭(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ବ୍ଲକ କୁଲିତା ଟୁକୁରା ଗ୍ରାମପଞ୍ଚାୟତରେ ଛୋଟ ମୋର ଗାଁ ଟି, ମାଉଣ୍ଟ ଏକ୍ସପ୍ଲୋର, ଏବଂ ମା' ପଲ୍ଲେଇ ଚାରିଟେବୁଲ ଟ୍ରଷ୍ଟର ମିଳିତ ଉଦ୍ୟମରେ ରବିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଯୁବକ ଏବଂ ବୟୋଜ୍ୟେଷ୍ଠ ଗୁରୁଜନ ଯୋଗଦାନ କରିଥିଲେ। କୁଲିତା ଟୁକୁରା ହାଇସ୍କୁଲଠାରୁ କୁଳେର ଜୋର ପାଖାପାଖି ୨ କି.ମି. ପର୍ଯ୍ୟନ୍ତ ୧୦୦୦ ଗୋଟି ବୃକ୍ଷ ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଡାଳିମ୍ବ, ଆମ୍ବ, ବଉଳ, କୃଷ୍ଣଚୂଡ଼ା, ଅର୍ଜ୍ଜୁନ, କଦମ୍ବ, ବଡିଆଲ, ବର, ପିପଳ, ବେଲ, ଆଇଁଲା ଏବଂ ଟଗର ପାଖାପାଖି ୧୨ଟି ପ୍ରଜାତିର ବୃକ୍ଷ ରୋପଣ କରାଯାଇଛି। କାର୍ଯ୍ୟକ୍ରମ ଜରିଆରେ କୁଲିତା ଟୁକୁରା ଗ୍ରାମବାସୀ ସୂଚନା ଦେଇଛନ୍ତି ଯେ ପ୍ରତ୍ୟେକ ମନୁଷ୍ୟ ବୃକ୍ଷ ରୋପଣ କରିବା ଉଚିତ। ଶେଷରେ ମାଉଣ୍ଟ ଏକ୍ସପ୍ଲୋରର ସଦସ୍ୟ ଗଣ ଏହିପରି କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ସବୁ ବର୍ଷ କରିବେ ବୋଲି ମନ୍ତବ୍ୟ ରଖିଥିଲେ।

## ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ

ଝାରବନ୍ଧ,୭।୭(ଦେବେନ୍ଦ୍ର ସାହୁ)

ଝାରବନ୍ଧ ସ୍ନାତକ ମହାବିଦ୍ୟାଳୟରେ 'ମା' ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଏନଏସଏସ ୟୁନିଟ ଓ ଯୁବ ରେଡକ୍ରସ ୟୁନିଟ ଆନୁକୂଲ୍ୟରେ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ନେତୃତ୍ୱରେ ଅନେକ ଫଳ, ଫୁଲ ଓ ଅୟୁଷଧୀୟ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ଏନଏସଏସ ମୁଖ୍ୟ ଗିତାଞ୍ଜଳୀ ଗୁରୁ ଓ ରେଡ଼କ୍ରସ ମୁଖ୍ୟ ତାପସରଞ୍ଜନ ସାହୁଙ୍କ ତତ୍ୱାଧାନରେ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ନିଜ ମା' ଭଳି ଧରିତ୍ରୀ ମା'ଙ୍କ ଆଭୂଷଣ ସ୍ୱରୂପ ବୃକ୍ଷ ଯତ୍ନନେବା ତଥା ପରିବେସର ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ସମସ୍ତ ଅଧାପକ, ଅଧାପିକା ସହଯୋଗ କରିଥିଲେ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାଇକମାଲ,୭।୭(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାମସେଠ ଫରେଷ୍ଟର ରମେଶ ଚନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଡିଗ୍ରୀ କଲେଜ ପରିଚାଳନା ସଭାପତି ମହେନ୍ଦ୍ର କୁମାର ଖୁଣ୍ଟିଆ, ଅବସର ଶିକ୍ଷକ ଗୋକୁଳାନନ୍ଦ ଡନସନା, ଡ. ଅନିତା ମିଶ୍ର ଓ ପ୍ରୋଗ୍ରାମ ଅଫିସର ସୁମିତାପ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ପରିସରର ରାସ୍ତା ପାର୍ଶ୍ୱରେ ୨୦୦ ଚାରା ରୋପଣ କରାଯାଇଛି। ଅଧାପିକା ସସ୍ମିତା ସରିଆ, ବବିତା ମଲ୍ଲିକ, ଗୁରୁପ୍ରସାଦ ପଣ୍ଡା ସହଯୋଗ କରିଥିଲେ।

## ଜମଲା ଡିଗ୍ରୀ କଲେଜରେ ବନ ମହୋତ୍ସବ ପାଳିତ

ପଦ୍ମପୁର,୭।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅନ୍ତର୍ଗତ ଜମଲା ଡିଗ୍ରୀ କଲେଜରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରକୃତିବନ୍ଧୁ ମିନକେତନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକୃତି ସଚେତନତା ଉପରେ ବହୁ ଗୁରୁତ୍ୱ କଥା କହିଥିଲେ। ଆଗାମୀ ଦିନରେ ପ୍ରକୃତି ପ୍ରତି ସଚେତନ ନ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ବୋଲି ସେ କହିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ କୁମାର ଭୋଇ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧାପିକା ସୁରେଖା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ ରାସ୍ତାରେ ଯାଉଥିବା ବାଇକ ଆରୋହୀମାନଙ୍କୁ ଚାରା ପ୍ରଦାନ କରି ପ୍ରଦୂଷଣ ମୁକ୍ତ ପରିବେଷ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ।




# ବିରୋଧୀ ଦଳ ଭୂମିକା କ୍ରିୟାଶୀଳ କରିବାକୁ ଗୁରୁତ୍ୱ




ବୈଠକରେ ମଞ୍ଚାସୀନ ବିଜେଡ଼ି ନେତୃବୃନ୍ଦ।

## ବିଜେଡିର ସାଙ୍ଗଠନିକ ବୈଠକ

ବରଗଡ଼,୭।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁପଟ୍ଟନାୟକ ଟାଉନ ହଲରେ ଶନିବାର ଜିଲା ବିଜେଡିର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ସାଧାରଣ ନିର୍ବାଚନରେ ପରାଜୟ ପରେ ଜିଲାରେ ଦଳର ଏହା ପ୍ରଥମ ସମୀକ୍ଷା ବୈଠକ ଥିଲା। ବୈଠକରେ ଦଳର ରାଜ୍ୟ ଉପସଭାପତି, ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକଙ୍କ ସମେତ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଦଳର ରାଜ୍ୟ ମହିଳା ସଭାନେତ୍ରୀ ତଥା ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ସୁଶାନ୍ତ ସିଂ, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଦଳର ଜିଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଭୀଷ୍ମଦେବ ସରାଫ, ସୁଶାନ୍ତ ମିଶ୍ର, ଗୌରହରି ମିଶ୍ର, ଦଳର ଜିଲା ମହିଳା ସଭାନେତ୍ରୀ ନୀଳକୁମାରୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ବୈଠକରେ ଦଳର ବ୍ଲକ ଅଧ୍ୟକ୍ଷ, ପୌରାଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତିସଭ୍ୟ ତଥା ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ବୈଠକରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ସେହିପରି ଦଳର ପରାଜୟର ସମୀକ୍ଷା କରାଯାଇ ଥିବାବେଳେ ବିରୋଧୀ ଦଳ ଭାବେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ରଣନୀତି କିଭଳି ରହିବ, ତାର ରୂପରେଖ ପାଇଁ ଆଲୋଚନା ହୋଇଥିଲା। ବୈଠକ ପରେ ବିରୋଧୀ ଦଳ ଉପନେତା ଆଚାର୍ଯ୍ୟ ଗଣମାଧ୍ୟମ ସମ୍ମୁଖରେ କହିଥିଲେ, ଗଣତନ୍ତ୍ରରେ ପରିବର୍ତ୍ତନ ହୁଏ, ଏଥିରେ କିଛି ଅସ୍ୱାଭାବିକତା ନାହିଁ। ସରକାର ପରିବର୍ତ୍ତନ ମଧ୍ୟ ନୂଆ ନୁହେଁ। ଦେଶ ଓ ରାଜ୍ୟରେ ଆଗରୁ ଅନେକ ସରକାର ପରିବର୍ତ୍ତନ ହୋଇ ସାରିଛି। ଆଜି ରାଜ୍ୟରେ ଯେଉଁ ପରିବର୍ତ୍ତନ ହୋଇଛି, ତାର ଏକ ବିଶେଷତ୍ୱ ହେଲା, ବିଜେଡି ଓଡ଼ିଶା ବିଧାନସଭାର ସବୁଠାରୁ ସର୍ବଶ୍ରେଷ୍ଠ ଏବଂ ସର୍ବଶକ୍ତିଶାଳୀ ବିରୋଧୀ ଦଳ ଭାବେ ଉଭା ହୋଇଛି। ସେହିପରି ଦଳର ରାଜ୍ୟ ମହିଳା ସଭାନେତ୍ରୀ ଛୁରିଆ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁସବୁ ଯୋଜନା କରିଛନ୍ତି, ସେହି ସବୁ ପାଣ୍ଠିର ସୁବିନିଯୋଗ ଏବଂ ଲୋକଙ୍କୁ ଯେଭଳି ସେବା ଜାରି ରହିଥିଲା, ସେହି ସେବା ଆଗକୁ କିଭଳି ତ୍ୱରାନ୍ୱିତ ହୋଇ ପାରିବ, ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜେଡି ବିରୋଧୀ ଦଳ ଭାବେ ସେହି ଭୂମିକା ତୁଲାଇ ଆସିବ।


କୁଆଁରମୁଣ୍ଡା: ରଥାରୂଢ଼ ଶ୍ରୀଜୀଉ।


କୁତ୍ରାରେ ଶ୍ରଦ୍ଧାଳୁମାନେ ରଥକୁ ଟାଣୁଛନ୍ତି।


ରାଜଗାଙ୍ଗପୁରରେ ରଥରେ ଚତୁର୍ଦ୍ଧାମୂର୍ତ୍ତି।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ସହର


ସୁନ୍ଦରଗଡ଼ରେ ଭକ୍ତଙ୍କ ମେଳରେ ଦୁଇ ରଥ।


ବଣାଇଁରେ ଠାକୁରଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।

**ସୁନ୍ଦରଗଡ,୭।୭(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡରେ ରଥଯାତ୍ରା ପାଳିତ ହୋଇଯାଇଛି। ଗଡଜାତ ଅମଳରୁ ରଥଯାତ୍ରା ପାଳିତ ହୋଇଅସୁଥିବା ରଜବାଟି ଜଗନ୍ନାଥ ମନ୍ଦିରରେ ଅପରାହ୍ନ ସାଢ଼େ ୫ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେକରି ରଥାରୂଢ କରାଯାଇଥିଲା। ଏହାପରେ ସୁନ୍ଦରଗଡର ରାଜା ସମରେନ୍ଦ୍ର ଶେଖରଦେଓ ରଥ ଉପରେ ଛେରାପହଁରା ଓ ଆଳତୀ କରିବାପରେ ସନ୍ଧ୍ୟା ୬ଟା ୪୫ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣି ଥିଲେ। ଏହାପରେ ବଳଭଦ୍ର ଓ ଜଗନ୍ନାଥଙ୍କ ରଥକୁ ଟଣାଯାଇଥିଲା। ରଥ ୨ଟିକୁ ରିଜେଣ୍ଟ ମାର୍କେଟ ଛକ ପର୍ଯ୍ୟନ୍ତ ଟଣା ଯାଇ ପୁଣି ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା। ରାତିରେ ଶ୍ରୀଜୀଉଙ୍କୁ ପହଣ୍ଡି କରି ଆଡପ ମଣ୍ଡପ ବିଜେ କରାଯାଇଥିଲା। ସେହିପରି ସୁନାରୀପଡାରେ ମଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥରେ ଶ୍ରୀଜୀଉଙ୍କ ରଥାରୂଢ ପରେ ରଙ୍ଗାଢିପ ମାଉସୀ ମା ମଣ୍ଡପ ଅଣାଯାଇଥିଲା। ଏହାପରେ ମାଉସୀ ମା' ମଣ୍ଡପରେ ବିଜେ କରାଯାଇଥିଲା।

**ବନ୍ଧମୁଣ୍ଡା, (ସୁବ୍ରତ ଦେ):** ବନ୍ଧମୁଣ୍ଡା ଡିଜେଲ କଲୋନୀଠାରେ ଥିବା ଜଗନ୍ନାଥ ମନ୍ଦିରରୁ ରଥ ବାହାରି ଡିଜେଲ ଛକ, ଇ-ସେକ୍ଟର, ଏ-ସେକ୍ଟର, ବି-ସେକ୍ଟର, ସି-ସେକ୍ଟର ଦେଇ ଡି- ସେକ୍ଟର ଗୁଣ୍ଡିଚାପାଲି ସ୍ଥିତ ମାଉସୀ ବାଡ଼ିରେ ପହଞ୍ଚିଥିଲା। ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**ରାଜଗାଙ୍ଗପୁର, (ଅଶୋକ ପାଣି) :** ରାଜଗାଙ୍ଗପୁର ପୌରାଞ୍ଚଳର ୩ଟି ସ୍ଥାନ ଯାଥା କୁମାରକେଲା ଜଗନ୍ନାଥ ମନ୍ଦିର, ଲିପଲୋଇ ଜଗନ୍ନାଥ ମନ୍ଦିର ଓ ୱାର୍ଡ ନଂ.୧୬ ମଧୁସୂଦନ କଲୋନୀରେ ରଥଟଣା ହୋଇଥିଲା। ପଞ୍ଚାୟତ ସ୍ତରରେ ଲାଇଙ୍ଗ ଓ କାଂଶବାହାଲଠାରେ ରଥଟଣା ହୋଇଥିଲା। ଶନ୍ତିଶୃଙ୍ଖଳା ରକ୍ଷା ନିମିତ୍ତ ରାଜଗାଙ୍ଗପୁର ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

**କୁତ୍ରା,(ଦେବାଶିଷ ସାହୁ):** କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂଜାର୍ଚ୍ଚନା ପରେ ଗୋଟି ପହଣ୍ଡିରେ ମହାପ୍ରଭୁଙ୍କୁ ରଥ ଉପରେ ବିଜେ କରାଯାଇଥିଲା। ସନ୍ଧ୍ୟା ୫ଟାରେ ରଥଟଣା ଯାଇ ମାଉସୀମା ମନ୍ଦିରକୁ ନିଆଯାଇଥିଲା। ଅନୁକୂଳ ପାଗ ଯୋଗୁ ବହୁ ସଂଖ୍ୟକ ଭକ୍ତ ଆନନ୍ଦରେ ରଥଟାଣି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ରଥଯାତ୍ରା ଆୟୋଜକ କମିଟି ତରଫରୁ ଶିବଶଙ୍କର ବେହେରା, ଶଙ୍କର ପ୍ରଶାଦ ଟିପ୍ପୋ,ଦେବାଶିଷ ସାହୁ,ଛବିଳ ସାହୁ,ଅନୁପ ଅଗ୍ରୱାଲ, ପ୍ରଶାନ୍ତ ସାହୁ, ବଜରଙ୍ଗ କେଶରୀ ସାହୁ, ରିଙ୍କୁ ସିଂ, ରାଜେଶ ସାହୁ , ବୁଟୁ ଦାସ,ତରୁଣୀ ସୁନାନି,ମନ୍ଦାକିନି ପଟେଲ,ସୁନିଲ ପଟେଲ ସମେତ କୁତ୍ରା ଉଚ୍ଚ ବିଦ୍ୟାଳୟର ସ୍କାଉଟସ ଛାତ୍ର ଏବଂ ଜିଲା କମିଶନର ବିଭୀଷଣ ବାରିକଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହି ରଥଟଣାକୁ ଶୃଙ୍ଖଳିତ ପରିଚାଳନା କରିଥିଲେ। ପ୍ରାୟ ୫ହଜାର ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ବିରିଙ୍ଗାଟୋଲି, ପଞ୍ଚରା, ଝାରବେଡା,ଗମ୍ଭାରଡିହି, ଖତକୁରବାହାଲ, ପୂର୍କାପାଲି ଆଦି ଗ୍ରାମ ଗୁଡିକରେ ମଧ ରଥଯାତ୍ରା ଆୟୋଜିତ ହୋଇଯାଇଛି।

**ବଣାଇଁ,(ପ୍ରଦୀପ ତ୍ରିପାଠୀ):** ବଣାଇଁ ଜଗନ୍ନାଥ ମନ୍ଦିରରୁ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତୀ ମାଉସୀ ମା ମନ୍ଦିରରେ ପହଞ୍ଚିଛନ୍ତି। ପ୍ରଥମେ ନୀତିକାନ୍ତି ପରେ ବଣାଇଁ ରାଜା ବୀର କିଶୋର ଇନ୍ଦ୍ର ଦେଓ ଦେବ ଛେରା ପହଁରା କରିବା ପରେ ରଥାରୁଢ଼ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତୀ। ବଣାଇଁ ବିଧାୟକ, ସ୍ଥାନୀୟ ପ୍ରଶାସନ ଓ ସୁରକ୍ଷା କର୍ମୀଙ୍କ ସମେତ ଯୁବ ସ୍ୱେଚ୍ଛାସେବୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ବଡ଼ଗାଁ ଡିଗ୍ରୀ କଲେଜରେ ବନ ମହୋତ୍ସବ

**ବଡ଼ଗାଁ, ୭।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଓ ବଡ଼ଗାଁ ଫରେଷ୍ଟ ରେଞ୍ଜର ପ୍ରଦୀପ ଭୂତିଆ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ କଲେଜ ଅଧକ୍ଷା ବନଜା ରାଣୀ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଗୁଣାତ୍ମକ ବନୀକରଣ ଓ ଜଳବାୟୁ ପରିବର୍ତ୍ତନ ଉପରେ ବୁଝାଇଥିଲେ। ସମ୍ମାନିତ ଅତିଥି ରେଞ୍ଜର ପ୍ରଦୀପ ବୃକ୍ଷର ଉପାଦେୟତା ଓ ବୃକ୍ଷ ରୋପଣର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଅଧକ୍ଷା ତାଙ୍କ ବକ୍ତବ୍ୟରେ ସବୁଜିମା ବଳୟ ଓ ପ୍ରକୃତିର ସୁରକ୍ଷା ଉପରେ ଧ୍ୟାନ ଆକର୍ଷଣ କରିଥିଲେ। ଯୁବ ରେଡକ୍ରସ ଦ୍ୱାରା ଏହି କାର୍ଯ୍ୟକ୍ରମ ହୋଇଥିଲାବେଳେ ସଂଯୋଜକ ଅଧାପକ ହେମନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧରେ ଜାତୀୟ ସେବା ଶିବିରର ସଂଯୋଜକ ଅଧାପକ ସୁଶାନ୍ତ ବିଶି, ତାପସ କୁମାର୍ କର, ମାଳବିକା ସାମଲ , କର୍ମଚାରୀ ତାପସ ପଣ୍ଡା, ଝରଣା ସାହୁ, ଲୋକନାଥ ବେହେରା, ପିଇଟି ଜିତେନ୍ଦ୍ର ବୁଡା ଉପସ୍ଥିତି ଥିଲେ। ଅଧାପିକା, ଅଧାପକ, ଛାତ୍ରୀଛାତ୍ର, କର୍ମଚାରୀ ଓ ବନ ବିଭାଗ କର୍ମଚାରୀମାନେ କଲେଜ ପରିସରରେ ବୃକ୍ଷ ଚାରା ରୋପଣ କରିଥିଲେ।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

**ବାଲିଶଙ୍କରା,୭।୭(ହୃଦାନନ୍ଦ ବାରିକ)**

କିଞ୍ଜିରକେଲା ଥାନା ଅନ୍ତର୍ଗତ ରାଇଗ୍ରାମରେ ରବିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଙ୍ଗପୁରଗଡ ଗ୍ରାମର ଯୋଗେଶ ମାଝି(୫୮)। କିଞ୍ଜିରକେଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଯୋଗେଶ ରବିବାର ବାଇକ୍ ଯୋଗେ ପାଉଁରୁଟି ବିକ୍ରି କରିବାକୁ ଯାଉଥିଲେ। ଏହି ସମୟରେ ରାଉ ଗ୍ରାମରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଯୋଗେଶଙ୍କୁ କିଞ୍ଜିରକେଲା ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭେଷଜ ପଟେଲ କଲେଜରେ ବନ ମହୋତ୍ସବ

**ହେମଗିର, ୭।୭ (ଚୈତନ୍ୟ ପଟେଲ )**




ହେମଗିର ବ୍ଲକ ସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂ, ସମ୍ମାନିତ ଅତିଥି ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁଶୀଲ କୁମାର ଚୈଧୁରୀ,ମହାବିଦ୍ୟାଳୟ ଅଧକ୍ଷ ଡ. ଅଶୋକ କୁମାର ନାଏକ,ଜାତୀୟ ସେବା ଯୋଜନାର ପିଓ ନମିତା ମାଝି, ୱାଇଆର ସି କାଉନସିଲର ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷେଟ,ଜିଲା ପ୍ରୋଗ୍ରାମ ଅଫିସର ସୁଶାନ୍ତ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୋପାଳପୁର ବନଖଣ୍ଡ ଅଧିକାରୀ ହରିହର ପାତ୍ର ଯୋଗଦେଇ ବୃକ୍ଷ ରୋପଣର ମହତ୍ତ୍ୱ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଗୋପାଳପୁର ଉପଖଣ୍ଡର ବନ ସୁରକ୍ଷା ଅଧିକାରୀ ମିତ୍ରଭାନୁ ପଟେଲଙ୍କ ସମେତ ମହାବିଦ୍ୟାଳୟର ଅଧାପିକା ଅଧାପକମାନେ ଉପସ୍ଥିତ ଥିଲେ।

## ବଣାଇଁରେ ଚୋରି, ଥାନାରେ ମାମଲା

**ବଣାଇଁ, ୭।୭ (ପ୍ରଦୀପ ତ୍ରିପାଠୀ)**

ବଣାଇଁ ଥାନା କେନାଭେଟା ଗ୍ରାମରେ ଶନିବାର ରାତିରେ କିଶୋର ଚନ୍ଦ୍ର ସାହୁଙ୍କ ଘରେ ଚୋରି ହୋଇଛି। କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଘରେ ପଶି ୪୨ ହଜାର ୨ ଶହ ଟଙ୍କା, ୨୦ ଗ୍ରାମ ଓଜନର ସୁନା ଗହଣା ସମେତ ଅନ୍ୟାନ୍ୟ ଦାମୀ ଜିନିଷ ଚୋରି କରି ଚମ୍ପଟ ମାରିଛନ୍ତି। ଘରକୁ ଫେରି ଗୃହ ମାଲିକ ଏହା ଦେଖି ବଣାଇଁ ଥାନାରେ ଏତଲା ଦେଇଥିଲେ। ସନ୍ଧାନୀ କୁକୁର ସହଯୋଗରେ ପୋଲିସ ତଦନ୍ତ ଚଳାଇଛି। ମାର୍ଚ୍ଚ ୧୩ରେ ବଣାଇଁ ଥାନା ଅନ୍ତର୍ଗତ ଉପରପଡା ଗ୍ରାମର ଗଣେଶର ତ୍ରିପାଠୀଙ୍କ ଘରୁ ଦିନ ଦ୍ୱିପହରରେ ଅନୁରୂପଭାବେ ଚୋରି ହୋଇଥିଲା।









## ଅଷ୍ଟମଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣାର ରହସ୍ୟ ଉନ୍ମୋଚିତ

# ପରକୀୟା ପ୍ରୀତିରୁ ତଣ୍ଟିଚିପି ମାରିଥିଲେ ମା’

**ଦେବଗଡ, ୭।୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ପୌରାଞ୍ଚଳ ଚର୍ଚ୍ଚ ସାହିରେ ଗତ ଜୁନ ୧ତାରିଖ ସକାଳେ ଘଟିଥିବା ଛାତ୍ର ମିକି ସୋନେଲ(୧୪)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଉପରୁ ପରଦା ହଟିଛି। ହତ୍ୟାର ୬ଦିନ ପରେ ଏହି ଘଟଣାର ରହସ୍ୟ ଉନ୍ମୋଚନ କରିଛି ଦେବଗଡ଼ ଥାନା ପୋଲିସ। ପରକୀୟା ପ୍ରୀତିରେ ବାଧକ ସାଜିବାରୁ ଜନ୍ମଦାତ୍ରୀ ମା’ ହିଁ ନିଜ ହାତରେ ପୁଅର ତଣ୍ଟିଚିପି ହତ୍ୟା କରିଥିଲେ ବୋଲି ପୋଲିସ କହିଛି। ରବିବାର ଅଭିଯୁକ୍ତା ମା’ ଲିଲି ସୋନେଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ରବିବାର ଦେବଗଡ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଦେବଗଡ଼ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ।

ଏସ୍‌ଡିପିଓ ମଲ୍ଲିକଙ୍କ ସୂଚନା ଅନୁଯାୟୀ ଲିଲିଙ୍କ ସ୍ୱାମୀ କୁଳମଣି ଓରଫ ଯାତ୍ରା ସୋନେଲ ଚେନ୍ନାଇସ୍ଥିତ ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ଲିଲି ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ମିକି ଓ ଚିନ୍ମୟ ବିଦ୍ୟାଳୟରେ ପଢୁଥିବା ଝିଅ ସହିତ ଦେବଗଡ ପୌରାଞ୍ଚଳ ୧୦ନମ୍ବର ୱାର୍ଡ ଚର୍ଚ୍ଚ ସାହିରେ ରହୁଥିଲେ। ତେବେ ଦୀର୍ଘବର୍ଷ ହେଲା ଲିଲିଙ୍କ ଅନୁଗୋଳ ଜିଲା ପାଲଲହଡା ଥାନା ଅନ୍ତର୍ଗତ ଚଷା ଗୁରୁଜାଙ୍ଗ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ସମ୍ପର୍କ ରହିଥିଲା। ସ୍ୱାମୀଙ୍କ ଅନୁପସ୍ଥିତିରେ ସେ ନିୟମିତ ତାଙ୍କ ଘରକୁ ଆସୁଥିଲେ। ପୁଅ ମିକି ଏହି ଘଟଣାକୁ ନେଇ ମା’ଙ୍କୁ ବିରୋଧ କରୁଥିଲେ। ଏହି କାରଣରୁ ଲିଲି ବହୁ ସମୟରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ମା’ଙ୍କ ନିର୍ଯାତନା ନେଇ ମିକି ତାଙ୍କ ସାଙ୍ଗ ସାଥୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏପରିକି ୨୦୨୨ ନଭେମ୍ବର ୨୨ରେ ଜିଲା ଶିଶୁ ସୁରକ୍ଷା ସମିତି ନିକଟରେ ମଧ୍ୟ ଆନୁଷ୍ଠାନିକ ଭାବେ ଅଭିଯୋଗ କରିଥିଲେ। ଜିଲା ଶିଶୁ ସରକ୍ଷା ସମିତି ପକ୍ଷରୁ ମିକିଙ୍କୁ କାଉନସେଲିଂ କରି ଘରକୁ ପଠାଯାଇଥିଲା। ଏହା ସତ୍ତ୍ୱେ ତାଙ୍କ ଉପରେ ଲିଲିଙ୍କ ନିର୍ଯାତନା କମି ନ ଥିଲା । ଗତ ୧ ତାରିଖ ସକାଳେ ଲିଲି ସ୍କୁଲ ଯିବା ପାଇଁ ମିକିଙ୍କୁ ପ୍ରସ୍ତୁତ ହୋଇ ରହିବାକୁ କହିଥିଲେ। ସାନ ଭଉଣୀକୁ ଚିନ୍ମୟ ବିଦ୍ୟାଳୟରେ ଛାଡି ଆସିବା ପରେ ତୋତେ ସ୍କୁଲରେ ଛାଡିବି କହି ସ୍କୁଟିରେ ଯାଇଥିଲେ। କିଛି ସମୟ ପରେ ଲିଲି ଘରକୁ ଫେରିବା ପରେ ସ୍କୁଲ ୟୁନିଫର୍ମ ପରିଧାନ କରି ସ୍କୁଲ ଯିବାକୁ ପ୍ରସ୍ତୁତ ହୋଇ ରହିଥିଲେ ମିକି। ଏହି ସମୟରେ ମିକି ସମ୍ପୃକ୍ତ ବ୍ୟକ୍ତିଙ୍କ କଥା ଉଠାଇ ଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ମା’ ଏକ ଶାଢୀରେ ପୁଅ ମିକିଙ୍କ ତଣ୍ଟିକୁ ଚିପି ଦେଇଥିଲେ। ପୁଅର ମୃତ୍ୟୁ ହୋଇଯିବା ପରେ ଲିଲି କିଛି ନ ଜାଣିବା ଭଳି ଅଭିନୟ କରିଥିଲେ। ମିକି କୌଣସି କାରଣରୁ ଅସୁସ୍ଥ ହୋଇପଡିଛି ବୋଲି ସ୍ୱାମୀ କୁଳମଣିଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ପଡୋଶୀଙ୍କ ସହାୟତାରେ ମିକିଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବଗଡ ଆଦର୍ଶ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଥିଲା। ୨ ତାରିଖରେ କୁଳମଣି ଚେନ୍ନାଇରୁ ଫେରି ପୁଅର ମୃତଦେହ ଏବଂ ଗଳାରେ ଥିବା ଚିହ୍ନ ଦେଖିବା ପରେ ତଣ୍ଟିଚିପି ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ସ୍ତ୍ରୀ ଲିଲି ତାଙ୍କ ପ୍ରେମିକ ସହ ମିଶି ପୁଅକୁ ହତ୍ୟା କରିଥିବା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ମୃତ୍ୟୁ ଘଟଣା ଓ ଏହାର ସମୟକୁ ନେଇ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରୁଥିବାରୁ ଲିଲିଙ୍କ ଭୂମିକା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ ଟିମ ଓ ଡଗସ୍କ୍ୱାଡର ସହାୟତା ନିଆଯାଇଥିଲା। ଏସ୍‌ଡିପିଓ ମଲ୍ଲିକ ଓ ଦେବଗଡ ଥାନା ଅଧିକାରୀ ସରୋଜ କୁମାର ସେଠୀ ମିକି ପାଠ ପଢୁଥିବା କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ମିକିଙ୍କ ସାନ ଭଉଣୀ ପାଠ ପଢୁଥିବା ଚିନ୍ମୟ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ଘଟଣାର ଗମ୍ଭିରତା ଦୃଷ୍ଟିରୁ ଏସ୍‌ପି ଅନୁପମା ଜେମ୍ସ ନିଜେ ତଦନ୍ତ ପ୍ରକ୍ରିୟାକୁ ତଦାରଖ କରୁଥିଲେ । ଲିଲି ଓ ତାଙ୍କ ପ୍ରେମିକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ବେଳେ ଲିଲି ଶାଢୀଦ୍ୱାରା ପୁଅର ତଣ୍ଟିଚିପି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ଲିଲିଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାଢୀକୁ ଜବତ କରିଥିବା ଏସ୍‌ଡିପିଓ ମଲ୍ଲିକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ମିକିଙ୍କ ଅଭିଯୋଗକୁ ଜିଲା ଶିଶୁ ସୁରକ୍ଷା ବିଭାଗ ଯଦି ଗମ୍ଭୀରତାର ଗ୍ରହଣ କରି ଶିଶୁ ମଙ୍ଗଳ ସମିତିକୁ ଅବଗତ କରାଇଥାନ୍ତା ତେବେ ହୁଏତ ମିକିଙ୍କ ଜୀବନ ବଞ୍ଚି ଯାଇଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଦିବ୍ୟଦର୍ଶନ ସଂଘର ଜ୍ଞାନଯଜ୍ଞ ସତ୍‌ସଙ୍ଗ

**ସମ୍ବଲପୁର, ୭।୭(ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ପରଧିଆପାଲିଠାରେ ଦିବ୍ୟ ଦର୍ଶନ ସଂଘ ପକ୍ଷରୁ ଏକ ଜ୍ଞାନଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ ପର୍ବ ପର୍ବାଣୀ ପାଳନ ପଛର ରହସ୍ୟ ଏବଂ ଏହାର ସାମାଜିକ ଜୀବନରେ ପ୍ରଭାବ କ’ଣ ରହିଛି ତାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା । ଆଧ୍ୟାତ୍ମିକତା ନିର୍ଦ୍ଦିଷ୍ଟ ବନ୍ଧନ ଭିତରେ ଛନ୍ଦିହୋଇ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଧର୍ମ କେତେକ ବ୍ୟକ୍ତିଙ୍କ ନିଜସ୍ୱ ସମ୍ପତ୍ତି ଭାବେ ବ୍ୟବହୃତ ହେବାକୁ ଲାଗିଛି। ସମାଜ ସଂସ୍କାର ହୋଇପାରୁ ନ ଥିବାରୁ ଜ୍ଞାନଯଜ୍ଞ ସତ୍‌ସଙ୍ଗରେ ଆଲୋଚିତ ହୋଇଥିଲା। ଜାତିବାଦ, ଭେଦଭାବକୁ ଛାଡି ସାଧାରଣ ବ୍ୟକ୍ତି ଆଧ୍ୟାତ୍ମିକତାକୁ ଗ୍ରହଣ କଲେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା।ଦିବ୍ୟ ଦର୍ଶନ ସଂଘର ଗୋପୀନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ସୁଶାନ୍ତ ପଣ୍ଡା, ଉପସଭାପତି ଶଙ୍କର୍ଷଣ ଆଚାର୍ଯ୍ୟ, ଚଞ୍ଚଳ ବନିକ ସତ୍‌ସଙ୍ଗ ପରିଚାଳନା କରିଥିଲେ।

## ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ

**କୁଚିଣ୍ଡା, ୭।୭(ବିରଞ୍ଚି ଦର୍ଜ୍ଜୀ):** ବାମରା ବନ୍ୟପ୍ରାଣୀ ରେଞ୍ଜ ଅଧିନ ବାଉଁଶଲଗା ଗ୍ରାମରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ରେଞ୍ଜର ଦୀପକ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଡିଏଫଓ ସମୀର କୁମାର ସାହୁ,ଏସିଏଫ ଆଲୋକ ଷଡ଼ଙ୍ଗୀ, ତହସିଲଦାର ଦିଲୀପ ପ୍ରଧାନ, ପ୍ରାଣୀଧନ ଚିକିତ୍ସକ ଡା.ବିପିନ କିଷାନ, ସରପଞ୍ଚ ବୈଜୟନ୍ତୀ ନାଏକ ଯୋଗଦେଇ ବୃକ୍ଷରୋପଣ ଜରୁରୀ ବୋଲି କହିଥିଲେ।

# ଦେବଗଡ଼ରେ ୩ ଠାକୁରଙ୍କ ପହଣ୍ଡି ବିଜେ



**ଦେବଗଡ଼,୭।୭(ଶଶାଙ୍କ ଶେଖର ଝାଙ୍କର)**

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ରଥଯାତ୍ରା ଭାବେ ୩ଦିନ ଧରି ଅନୁଷ୍ଠିତ ହେଉଥିବା ଦେବଗଡ ରଥଯାତ୍ରାର ପ୍ରଥମ ଦିନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଓ ସୁଦର୍ଶନଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଯାଇଛି। ବଡପଣ୍ଡା ସନ୍ତୋଷ କୁମାର ନାୟକ ବାମଣ୍ଡା ରାଜକୁମାର ନମନ ଗଙ୍ଗଦେବ ଓ ରାନେଶ ଗଙ୍ଗଦେବଙ୍କ ଉପସ୍ଥିତିରେ ଛେରାପହଁରା କରିବା ପରେ ହଜାର ହଜାର ଶ୍ରଦ୍ଧାଳୁ ପୂଜକମାନଙ୍କ ଗହଣରେ ଘଣ୍ଟ, ଶଙ୍ଖ, ବୀରକାହାଳୀ ଓ ମୃଦଙ୍ଗ ସହ ସଙ୍କୀର୍ତନ ଓ ଓଡିଶୀ ନୃତ୍ୟର ତାଳେ ତାଳେ ପ୍ରଭୁ ସୁଦର୍ଶନ, ମହାପ୍ରଭୁ ବଳଭଦ୍ର, ମାତା ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡିରେ ନିଆଯାଇ ରଥାରୂଢ କରାଯାଇଥିଲା। ଝିପଝିପ ବର୍ଷା ସତ୍ତ୍ୱେ ଜିଲାର ବିଭିନ୍ନ ସ୍ଥାନରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଦେବଗଡ ଆଦର୍ଶ ଥାନା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପହଣ୍ଡି ବିଜେ କାର୍ଯ୍ୟକ୍ରମରେ ଅର୍ଜୁନ ଆଚାର୍ଯ୍ୟ, ରମେଶ ଚନ୍ଦ୍ର ପାଢୀ, ପ୍ରଣୟ ପୁରୋହିତ ଓ ଯତୀନ୍ଦ୍ର କୁମାର ଶତପଥିଙ୍କ ସମେତ ପଞ୍ଚମୁଖି ହନୁମାନ କ୍ଲବର ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।

### ଆଜିଠାରୁ ରଥଟଣା ଆରମ୍ଭ

ପୂର୍ବ ପରମ୍ପରା ଅନୁଯାୟୀ ସୋମବାର ଓ ପଅରଦିନ ଦୁଇଦିନ ଧରି ରଥ ଟଣାଯିବା ପରେ ତିନିଠାକୁରଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯିବ।







# ବାରକୋଟରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର



**ଦେବଗଡ଼,୭।୭(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟସ୍ଥିତ ଦୟାନନ୍ଦ ବିଦ୍ୟାଳୟରେ ଦେବଗଡ ବିଧାୟକଙ୍କ ରବିବାର ପ୍ରଥମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ୧୧୪ଟି ଅଭିଯୋଗର ଶୁଣାଣି କରିବା ସହ ସାଧ୍ୟମତେ ଏଗୁଡିକର ସମାଧାନ ପାଇଁ ଅଭିଯୋଗକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମ ଥର ପାଇଁ ଦେବଗଡ ବିଧାୟକଙ୍କ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଲୋକ ମଧ୍ୟ ଆସୁଥିବା ଦେଖିବାକୁ ମିଳିଥିଲା। ସେହିପରି ପ୍ରତ୍ୟେକ ମାସର ପ୍ରଥମ ରବିବାର ବାରକୋଟ ବ୍ଲକ, ଦ୍ୱିତୀୟ ରବିବାର ଦେବଗଡ ପୌରାଞ୍ଚଳ, ତୃତୀୟ ରବିବାର ରିଆମାଳ ବ୍ଲକ ଏବଂ ଚତୁର୍ଥ ରବିବାର ତିଲେଇବଣି ବ୍ଲକରେ ଅନୁଷ୍ଠିତ ହେବ ବୋଲି ବିଧାୟକ ବିଶ୍ୱାଳ ସୂଚନା ଦେଇଛନ୍ତି। ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ବରିଷ୍ଠ ଆଇନଜୀବୀ ରଞ୍ଜନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଭକ୍ତଙ୍କ ପାଇଁ ଖିରି ବଣ୍ଟନ

**ଝାରସୁଗୁଡ଼ା,୭।୭(ସଞ୍ଜୟ ମାଲି)**

ଝାରସୁଗୁଡା ହିନ୍ଦୁ ଏକତା ମଞ୍ଚ ଭାରତ ଶାଖା ପକ୍ଷରୁ ସହରର ଝଣ୍ଡା ଛକଠାରେ ରବିବାର ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ କ୍ଷୀରି ପ୍ରସାଦ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ହିନ୍ଦୁ ଏକତା ମଞ୍ଚ ଝାରସୁଗୁଡା ଶାଖାର କାର୍ଯ୍ୟକାରୀ ଜିଲା ସଭାପତି ତଥା ରାଜ୍ୟ ସଙ୍ଗଠନ ସମ୍ପାଦକ ବିବେକାନନ୍ଦ ମିଶ୍ର, ଜିଲା ସଚିବ ଡାକ୍ତର ପ୍ରକାଶ ଚନ୍ଦ୍ର ରଣା, ଜିଲା ଯୁଗ୍ମ ସଚିବ ସିଦ୍ଧାର୍ଥ ବୋଷ, କୋଷାଧକ୍ଷ ହରିଶଙ୍କର ପୁରୋହିତ ଓ ରାଜନ କୁମାର ଚୌଧୁରୀ, ଜିଲା ସଂଜୋଜକ ବିଶ୍ୱରଞ୍ଜନ ସାହୁ, ଜିଲା ସହ ସଂଯୋଜକ ତଥା ରାଜ୍ୟ ଉପସଭାପତି ମନୋଜ ଜେନା, ଝାରସୁଗୁଡା ଟାଉନ ସଭାପତି ସୁଶାନ୍ତ ଗୁପ୍ତା, ବ୍ରଜରାଜନଗର ସଭାପତି ବିଶ୍ୱଲୋଚନ ଭୋଇ, ଉପଦେଷ୍ଟା ପଣ୍ଡିତ ନିକୁଞ୍ଜ ବିହାରୀ ମିଶ୍ର, ପ୍ରଭୁଦୟାଲ କେଡ଼ିଆ, ଶିବ ପ୍ରସାଦ ମୁରରକା, ବାଳଗୋବିନ୍ଦ ମିଶ୍ର, ହୃଦାନନ୍ଦ ଭୋଇ, ସଭ୍ୟ, ସୁରେଶ ପଟେଲ, ହୀରା ଲାଲ କାହାର ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ପ୍ରାୟ ୧୫୦୦ ଲୋକ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା ।

# ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା



ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ମାନପତ୍ର ଗ୍ରହଣ କରୁଛନ୍ତି।

**ଝାରସୁଗୁଡ଼ା,୭।୭(ସଞ୍ଜୟ ମାଲି)**

ଜୁଲାଇ ୨୫ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଝାରସୁଗୁଡାଠାରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରବନ୍ଧ ଲିଖନ, ବକ୍ତୃତା, କବିତା ଆବୃତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଚାରିଟି ଭାଗରେ ବିଭକ୍ତ କରାଯାଇଥିଲା। କନିଷ୍ଠ ଓ ବରିଷ୍ଠ ବର୍ଗରେ ଛାତ୍ରୀଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ବଂଶିଧର ପଶାୟତ, ଦିପ୍ତିମୟୀ ସାହୁ, ରୁକ୍ମଣୀବାଇ ପଟେଲ ସାହୁ, ଚେତନା ପ୍ରଧାନ ସାହୁ, ସବିତା ଗନ୍ଧା ସାହୁ, ଚିନ୍ମୟୀ ନାୟକ, ଅଳକା ପଟେଲ ଓ ସାରିକା ତ୍ରିପାଠୀ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲାସ୍ତରୀୟ ପ୍ରବନ୍ଧ କନିଷ୍ଠ ବର୍ଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଲକି ପଟ୍ଟନାୟକ, ଓଡିଶା ଆଦର୍ଶ ବିଦ୍ୟାଳୟ ପତ୍ରାପାଲି, ପ୍ରବନ୍ଧ ବରିଷ୍ଠ ବର୍ଗ ପ୍ରଥମ ସ୍ଥାନ ତପସିନୀ ବେହେରା ଓଡିଶା ଆଦର୍ଶ ବିଦ୍ୟଳୟ ପତ୍ରାପାଲି, ବକ୍ତୃତା କନିଷ୍ଠ ବର୍ଗ ପ୍ରଥମ ସ୍ଥାନ କିରନ ପଟେଲ ଓଡିଶା ଆଦର୍ଶ ବିଦ୍ୟାଳୟ ପତ୍ରାପାଲି, ବକ୍ତୃତା ବରିଷ୍ଠ ବର୍ଗ ପ୍ରଥମ ସ୍ଥାନ ନୀଳମଣି ରାଉତ ସରକାରୀ ଉଚ୍ଚ ବିଦ୍ୟାଳୟ ଝାରସୁଗୁଡା, କବିତା ଆବୃତ୍ତି କନିଷ୍ଠ ବର୍ଗ ପ୍ରଥମ ସ୍ଥାନ ଅମ୍ରିତା ଭୋଇ ବି.ଆର. ଉଚ୍ଚ ବିଦ୍ୟାଳୟ ବେଲପାହାଡ, କବିତା ଆବୃତ୍ତି ବରିଷ୍ଠ ବର୍ଗ ପ୍ରଥମ ସ୍ଥାନ ପ୍ରତିଷ୍ଠା ତ୍ରିପାଠୀ ଡି.ଏ.ଭି. ଉଚ୍ଛ ବିଦ୍ୟାଳୟ ଆଇ.ଟି. ପି.ଏସ ବନହରପାଲି, ସାଧାରଣ ଜ୍ଞାନ କନିଷ୍ଠ ବର୍ଗ ସବନମ ପଧାନ ଓଡିଶା ଆଦର୍ଶ ବିଦ୍ୟାଳୟ ପତ୍ରାପାଲି, ସାଧାରଣ ଜ୍ଞାନ ବରିଷ୍ଠ ବର୍ଗରେ ସରକାରୀ ବାଳିକା ଉଚ୍ଛ ବିଦ୍ୟାଳୟ ଝାରସୁଗୁଡାର ପ୍ରୀତିକା ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟା, ଆଲିସ ପଟେଲ, ରାଜେଶ ସେଠ, ଚନ୍ଦ୍ରମଣି ଦାସ, କିଙ୍କନ ନାଏକ ଓ ସମୀର କିଶାନ ପରିଚାଳନା କରିଥିଲେ।



**ସଂକ୍ଷେପରେ**

## ବାଟ କତୁଆଲ ସମ୍ବଲପୁରୀ ପତ୍ରିକା ଲୋକାର୍ପଣ

ପଦ୍ମପୁର,୭।୭ (ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ବୁବୁଡା ଗ୍ରାମରେ ସୁରେନ୍ଦ୍ର ମେହେରଙ୍କ ସଂପାଦନାରୁ ବାଟ କତୁଆଲ ସମ୍ବଲପୁରୀ ବାର୍ଷିକ ସାହିତ୍ୟ ପତ୍ରିକା ପ୍ରକାଶିତ ହୋଇ ଆସୁଥିଲା। ରଥଯାତ୍ରା ଅବସରରେ ବାଟ କତୁଆଲ ପତ୍ରିକାର ନବ କଳେବର କରାଯାଇଛି ତଥା ବାର୍ଷିକ ସାହିତ୍ୟ ପତ୍ରିକାକୁ ମାସିକ ପତ୍ରିକା ଭାବେ ପ୍ରକାଶିତ କରାଯିବ। ଏହି ଅବସରରେ ବରଗଡ଼ ଏମ୍‌ପି ପ୍ରଦିପ ପୁରୋହିତ ଓ ଅନେକ ସାହିତ୍ୟ ପ୍ରେମୀ, ପାଠକମାନଙ୍କ ଦ୍ୱାରା ବାଟ କତୁଆଲ ପତ୍ରିକାର ଲୋକାର୍ପଣ ହୋଇଯାଇଛି।

## ଶିକ୍ଷକଙ୍କ ଅକାଳ ବିୟୋଗ

ପାଇକମାଳ,୭।୭ (ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠ ଗ୍ରାମର ଶିକ୍ଷକ ଭାଗିରଥି ମାଝି (୪୦)ଙ୍କ ଶନିବାର ରାତ୍ରିରେ ପରଲୋକ ହୋଇଛି। ମାଝି ଖରାମାଳ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ପ୍ରଧାନ ଶିକ୍ଷକ ଥିଲେ। ସୂଚନାଯୋଗ୍ୟ ଯେ, ମାଝି ଜଣ୍ଡିସ ରୋଗରେ ଦୀର୍ଘ ଦିନ ଧରି ଆକ୍ରାନ୍ତ ଥିଲେ। ଶନିବାର ତାଙ୍କୁ ବୁର୍ଲା ନିଆଯାଇଥିଲା, ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତ୍ୟୁ ପରେ ପତ୍ନୀ, ଦୁଇ ଝିଅ, ବାପା ମା, ଭାଇ ଭାଉଜ, ପରିବାର, ବନ୍ଧୁବର୍ଗ, ସାଙ୍ଗସାଥୀ ଅଛନ୍ତି। ସେ ଜଣେ ଶାନ୍ତ, ସରଳ, ମିଳାପୀ, ମିଷ୍ଟଭାଷୀ ବ୍ୟକ୍ତିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜଙ୍ଗଲ ଅଧିକାର ଉପରେ ସଭା

ଗାଇସିଲେଟ୍,୭।୭(ବେଦପ୍ରକାଶ କଲେତ୍)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କନ୍ଦାଗାଡ଼ ପଞ୍ଚାୟତର ରାଜୀବ ଭବନ ସଭାଗୃହରେ ବ୍ଲକସ୍ତରୀୟ ଗୋଷ୍ଠି ଜଙ୍ଗଲ ଅଧିକାର ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାନବ ଅଧିକାର ସେବା ସମିତି(ମାସ୍) ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଆଦିକନ୍ଦ ବିଶ୍ୱାଳ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠି ଜଙ୍ଗଲ ଅଧିକାର, ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ବ୍ୟାସଦେବ ବାରିକ, ବ୍ଲକ ସଂଯୋଜକ ଶାନ୍ତନୁ ପ୍ରଧାନ, ସମିତିସଭ୍ୟା ସରୋଜିନୀ ପ୍ରଧାନ, ବିରଞ୍ଚି ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତନୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପାତାଳୀ ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା

ସୋନପୁର/ଉଲୁଣ୍ଡା,୭।୭
(ମୃତ୍ୟୁଞ୍ଜୟ ଶତପଥୀ/ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା କୋଟସମଲାଇ ସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଘୋଷଯାତ୍ରା ଦିନ ହିଁ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଛି। ସମସ୍ତ ନୀତିକାନ୍ତି ଗୋଟିଏ ଦିନରେ ପଡୁଥିବାରୁ ରଥଯାତ୍ରା ଗୋଟିଏ ଦିନ ବଦଳରେ ଦୁଇଦିନ ହେବ। ରବିବାର ପ୍ରଥମ ଦିନରେ ରଥଟଣା ହୋଇ ମହାପ୍ରଭୁ ରଥରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ସୋମବାର ଅପରାହ୍ନରେ ଶ୍ରୀଜୀଉ ପହଣ୍ଡି ହୋଇ ଆଡପମଣ୍ଡପରେ ରହିବେ। ରବିବାର ପୂର୍ବାହ୍ନ ୧୧ଟାରେ ପହଣ୍ଡି, ୧ଟାରେ ଛେରାପହଁରା ନୀତି, ଅପରାହ୍ନ ୨ଟାରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସକାଳେ ଦାରଫିଟା, ଦାରପାଳ ପୂଜା, ମଙ୍ଗଳ ଆଳତୀ, ଖେଚୁଡି ଭୋଗ, ମହାପ୍ରଭୁଙ୍କ ବେଶ ଓ ରଥ ପ୍ରତିଷ୍ଠା ପରେ ତିନି ଠାକୁରଙ୍କୁ ଧାଡ଼ି ପହଣ୍ଡି କରାଯାଇଥିଲା। ଛଳିଆ ପାହାଡ଼ ଶିଖରରୁ ମହାପ୍ରଭୁଙ୍କୁ ଧାଡ଼ି ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା।


ଛଳିଆ ପାହାଡ଼ରୁ ମହାପ୍ରଭୁଙ୍କୁ ଧାଡ଼ି ପହଣ୍ଡି କରି ଅଣାଯାଉଛି।

**ଧାଡ଼ି ପହଣ୍ଡି ପରେ ରଥ ଟାଣିଲେ ଶ୍ରଦ୍ଧାଳୁ**

ସେବାୟତମାନେ ଗୀତ ବୋଲି ମହାପ୍ରଭୁଙ୍କୁ ପହଣ୍ଡି କରି ରଥ ନିକଟକୁ ଆଣିଥିଲେ। ଗାଁର ଗଡତ୍ୟା ଚମରା ଅମାତ ଛେରାପହଁରା ନୀତି କରିଥିଲେ। ପଣ୍ଡିତ ରାଜମଣି ସାହୁ, ପଣ୍ଡିତ ହରିଶ୍ଚନ୍ଦ୍ର ହୋତା, ଜ୍ୟୋତିର୍ବିଦ ପଣ୍ଡିତ ମେଡେନ କୁମାର ବିଶି ଓ କବି ଦ୍ୱିତିକୃଷ୍ଣ ପଣ୍ଡା ଧାରା ବିବରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ ଦେବାର୍ଚ୍ଚନ ଦାଶ, ଗୁଣାକର ପଣ୍ଡା ଓ ବିଶେଶର ପାଢୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପାତାଳୀ ଶ୍ରୀକ୍ଷେତ୍ରରେ ଏକ ଭକ୍ତିପୂର୍ଣ୍ଣ ପରିବେଶରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଉପଖଣ୍ଡ ପ୍ରଶାସନ ଓ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା ହୋଇଥିଲା।

# ବୌଦ୍ଧରେ ରଥଯାତ୍ରା: ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ




ବୌଦ୍ଧରେ ରଥଯାତ୍ରା।

ବୌଦ୍ଧ,୭।୭(ଅଜିତ କୁମାର ବାରିକ)

- ମହିଳା ଭକ୍ତ ଟାଣିଲେ ହରିଗୁଡ଼ି ଜଗନ୍ନାଥଙ୍କ ରଥ
- ବଡ଼ଦାଣ୍ଡକୁ ସଜାଇବାକୁ ଭୁଲିଗଲା ପ୍ରଶାସନ

ଗଡ଼ଜାତ ବୌଦ୍ଧରେ ରଥଯାତ୍ରା ଧୂମଧାମରେ ପାଳିତ ହୋଇଯାଇଛି। ଚଳିତବର୍ଷ ରଥଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାଜରାଜୁଡା ଅମଳରୁ ବୌଦ୍ଧରେ ରଥଯାତ୍ରା ପାଳନ ହୋଇ ଆସୁଥିବା ବେଳେ ଏହି ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି। ରଥଯାତ୍ରା ବୌଦ୍ଧର ଏକ ମୁଖ୍ୟ ପର୍ବ। ଏଣୁ ରଥଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କିଛି ବର୍ଷ ହେବ ଜଗନ୍ନାଥ ମନ୍ଦିରଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇ ଆସୁଥିଲା। ବଡଦାଣ୍ଡକୁ ଝୋଟି ଓ ବିଭିନ୍ନ ଚିତ୍ରକଳାରେ ସଜେଇ ଦିଆଯାଉଥିବାରୁ ରଥଯାତ୍ରା ମନ ମୋହୁଥିଲା। କିନ୍ତୁ ଚଳିତବର୍ଷ ପ୍ରଶାସନ ପକ୍ଷରୁ ବଡଦାଣ୍ଡକୁ ସଜା ଯାଇ ନ ଥିବା ଦେଖିବାକୁ ମିଳିଛି। ଆଷାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥି ପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ଠାକୁରମାନଙ୍କ ପହଡ ଭଙ୍ଗ ପରେ ପୂଜକଙ୍କ ଦ୍ୱାରା ନୀତିକାନ୍ତି ଆରମ୍ଭ ହୋଇଥିଲା। ଗୋଟିଏ ଦିନରେ ରଥଯାତ୍ରା ଓ ନବଯୌବନ ଦର୍ଶନ ପଡୁଥିବାରୁ ଭକ୍ତମାନଙ୍କୁ ନବଯୌବନ ଦର୍ଶନ ପାଇଁ ମନ୍ଦିର ଭିତରକୁ ଛଡାଯାଇ ନ ଥିଲା। ତେବେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିର ବେଢାରେ ଦଧିବାମନ ଓ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ଦିର ଓ ପାର୍ଶ୍ୱ ଦେବାଦେବୀ ମନ୍ଦିରରେ ନୂତନ ଧ୍ୱଜା ଚଢା ଯାଇଥିଲା। ତିନି ଠାକୁରଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇ ରହିଥିବା ରଥରେ ଧ୍ୱଜା ଚଢାଯାଇଥିଲା। ବୌଦ୍ଧ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଉପସ୍ଥିତିରେ ତିନି ଠାକୁରଙ୍କ ସକାଳ ନୀତିକାନ୍ତି ପାଳନ କରାଯାଇଥିଲା। ପରେ ବେଶକାରୀମାନଙ୍କ ଦ୍ୱାରା ଠାକୁରମାନଙ୍କ ପହଣ୍ଡି ଯାତ୍ରା ପାଇଁ ସେନାପଟା ଲାଗି କରାଯାଇଥିଲା। ପହଣ୍ଡିଆ ସେବକମାନେ ପ୍ରଭୁଙ୍କୁ ଧାଡି ପହଣ୍ଡିରେ ଆଣି ପହଣ୍ଡି କରିଥିଲେ। ସିଂହ ଦ୍ୱାରରେ ଦେବତ୍ତୋର ଅଧିକାରୀ ତଥା ଉପଜିଲାପାଳ ପ୍ରଭାସଚନ୍ଦ୍ର ଦଣ୍ଡସେନାଙ୍କ ଦ୍ୱାରା ତିନିଠାକୁରଙ୍କ ବାଟଭୋଗ ଲାଗି କରାଯିବା ପରେ ଠାକୁରମାନେ ଗୋଟି ପହଣ୍ଡିରେ ବ୍ରାହ୍ମଣ ସେବକଙ୍କ କାନ୍ଧରେ ସଂକୀର୍ତ୍ତନର ତାଳେ ତାଳେ ଝୁଲି ଝୁଲି ରଥଖଳା ଅଭିମୁଖେ ବାହାରିଥିଲେ। ଶଙ୍ଖ,ଘଣ୍ଟ, ମୃଦଙ୍ଗର ତାଳେ ତାଳେ ପ୍ରଭୁ ଝୁଲି ଝୁଲି ପହଣ୍ଡିରେ ଆସିଥିବା ବେଳେ ପହଣ୍ଡି ସମୟରେ ବିଭିନ୍ନ ସ୍ଥାନରେ ବାଟ ଭୋଗ ହୋଇଥିଲା। ପହଣ୍ଡି ସମୟରେ ପୁରା ବଡଦାଣ୍ଡ ଭକ୍ତମୟ ହୋଇ ପଡିଥିଲା। ଅନେକ ସ୍ଥାନରେ ଭକ୍ତମାନଙ୍କ ଦ୍ୱାରା ବାଟଭୋଗ ଲାଗି କରାଯାଇଥିଲା। ଅପରାହ୍ନରେ ତିନି ଠାକୁର ରଥଖଳାରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ରଥ ଚାରିପଟେ ୪ ଥର ପରିକ୍ରମା କରାଯାଇ ଠାକୁରମାନଙ୍କୁ ରଥାରୁଢ କରାଯାଇଥିଲା। ପରେ ରାଜ ପରିବାରର ସତ୍ତ୍ୱାଧିକାରୀ ଦେବେନ୍ଦ୍ର ପ୍ରସାଦ ଦେବଙ୍କ ଦ୍ୱାରା ଛେରା ପହଁରା ନୀତି କରାଯିବା ପରେ ସନ୍ଧ୍ୟାରେ ରଥଟଣା ଆରମ୍ଭ ହୋଇଥିଲା। ବୌଦ୍ଧ ରଥଯାତ୍ରାର ଏକ ଭିନ୍ନ ପରମ୍ପରା ରହିଛି ରଥଛୁଆଁ । ତିନି ଠାକୁର ରଥାରୁଢ ହେବା ପରେ ରଥଛୁଆଁ ହୋଇଥାଏ। ଛୋଟ ଛୋଟ ଛୁଆଙ୍କୁ ରଥ ଛୁଆଁଇଲେ ମଙ୍ଗଳ ହୋଇଥାଏ ବୋଲି ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି ।

ସେହିପରି ସହରର ପୋଡାପୋଡା ହରିଗୁଡି ଜଗନ୍ନାଥ ମନ୍ଦିର ପକ୍ଷରୁ ମଧ ରଥ ଟଣା ହୋଇଥିଲା। ସାହି ବାସିନ୍ଦାଙ୍କ ମିଳିତ ସହଯୋଗରେ ପାଳିତ ହୋଇ ଆସୁଥିବା ଏହି ରଥଯାତ୍ରାର ବିଶେଷତ୍ୱ ହେଲା ରଥକୁ କେବଳ ମହିଳା ଭକ୍ତମାନେ ଟାଣିଥାନ୍ତି। ଚଳିତବର୍ଷ ବଡ ଉତ୍ସାହର ସହ ମହିଳାମାନେ ହରିଗୁଡି ମନ୍ଦିର ଜଗନ୍ନାଥଙ୍କ ରଥକୁ ଟାଣିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବୌଦ୍ଧ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ସେହିପରି ଜିଲାର ପୁରୁଣାକଟକ, ଠିକିାଯୋର, ହରଭଙ୍ଗା, କୁଶଙ୍ଗ, ମନମୁଣ୍ଡା, କଣ୍ଟାମାଳ ଓ ପୁରପଲ୍ଲୀରେ ମଧ ରଥଯାତ୍ରା ପାଳିତ ହୋଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com


@ ସୀତାକାନ୍ତ


@ ଅଶ୍ୱିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରଥାରୂଢ଼ ତିନି ଠାକୁର


ଗଡଭିତର ଜଗନ୍ନାଥ ମନ୍ଦିରରେ ପହଣ୍ଡି ପରେ ଶ୍ରୀଜୀଉଙ୍କ ନିକଟରେ ଭୋଗ ଲଗାଯାଉଛି।

ସୋନପୁର,୭।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରରେ ପବିତ୍ର ରଥଯାତ୍ରା ରବିବାର ପାଳିତ ହୋଇଯାଇଛି। ଗଡଭିତର ଜଗନ୍ନାଥ ମନ୍ଦିର, ଘୋଡାଘାଟପଡା ସ୍ଥିତ ଦଧିବାମନ ମନ୍ଦିର ଓ ରାୟଗୁରୁପଡା ସ୍ଥିତ ବୃନ୍ଦାବନ ବିହାରୀ ମନ୍ଦିରରେ ଜୀଉଙ୍କ ପହଣ୍ଡି ରବିବାର ରୀତିନୀତି ଅନୁଯାୟୀ ପୂଜକ ଏବଂ ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ସକାଳେ ମନ୍ଦିରରେ ଦ୍ୱାରଫିଟା, ଦ୍ୱାରପାଳ ପୂଜା, ମଙ୍ଗଳ ଆଳତୀ, ଖେଚୁଡି ଭୋଗ ଓ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଛେରାପହଁରା ନୀତି ପରେ ସନ୍ଧ୍ୟାରେ ତିନି ଠାକୁରଙ୍କୁ ମନ୍ଦିର ଭିତରୁ ଧାଡି ପହଣ୍ଡି କରି ରଥ ପର୍ଯ୍ୟନ୍ତ ଅଣା ଯାଇଥିଲା। ରଥ ପ୍ରତିଷ୍ଠା ପରେ ରାତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ କରାଯାଇଥିଲା। ରତ୍ନବେଦୀରୁ ମଝିପଡା ସ୍ଥିତ ରଥଖଳା ପର୍ଯ୍ୟନ୍ତ ପହଣ୍ଡି ଦେଖିବା ପାଇଁ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଏହି ଅବସରରେ ସଂକୀର୍ତ୍ତନ୍ୟ ଦଳଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। ସୋମବାର ଅପରାହ୍ନରେ ରଥ ଟଣା ଯିବାର କାର୍ଯ୍ୟକ୍ରମ ରହିଛି। ରାଜାରାଜୁଡା ଅମଳରୁ ରଥଯାତ୍ରା ଏଠାରେ ଭକ୍ତି ଓ ଉଲ୍ଲାସର ସହିତ ପାଳନ ହୋଇଆସୁଛି। ଦେବୋତ୍ତର ବିଭାଗ ପକ୍ଷରୁ ରଥଯାତ୍ରା ପାଇଁ ସମସ୍ତ ଆୟୋଜନ କରାଯାଇଥିଲା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା।

# ବାଉଁଶୁଣୀରେ ରଥଯାତ୍ରା ପାଳିତ



ବାଉଁଶୁଣୀ,୭।୭(ଦେବାଶିଷ ନେପାକ)

ରବିବାର ବୌଦ୍ଧର ବାଉଁଶୁଣୀ ଛକ ସମେତ ଆଖପାଖ ବିଭିନ୍ନ ଗ୍ରାମରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଳିତ ହୋଇଯାଇଛି। ଅପରାହ୍ନରେ ବାଉଁଶୁଣୀ ଛକଠାରେ ଶ୍ରୀଜୀଉମାନଙ୍କ ପହଣ୍ଡି ହୋଇଥିଲା। ତିନି ଠାକୁର ରଥରୂଢ ହେବା ପରେ ବୃନ୍ଦାବନ ମେହେର ଛେରା ପହଁରା କରିଥିଲେ। ରଥଯାତ୍ରା ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ବାଉଁଶୁଣୀ ଥାନା ଅଞ୍ଚଳର ଗଡଭିତର, ବାଉଁଶୁଣୀ, ବହିରା, ବରାହପଥର, ବନପାଲି, ପଲସପାଟ, ଗୁନ୍ଦୁଲିଆ ସମେତ ପଡୋଶୀ ପଞ୍ଚରା ଅଞ୍ଚଳର ଦହ୍ୟା, କାଦୋପଦର, କସୁରବନ୍ଧ, ତାଳପଦର, ଋଷୀବନ୍ଧ ଆଦି ଗ୍ରାମରେ ରଥଯାତ୍ରା ପାଳିତ ହୋଇଯାଇଛି।

## ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

ଘଣ୍ଟାପଡ଼ା,୭।୭(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତର ନୂଆଁପାଲି ଆଦିବାସୀ ହାଇସ୍କୁଲରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ସନୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ବାର୍ଷିକ ପରୀକ୍ଷା ଫଳର ସମୀକ୍ଷା ଓ ଆଗାମୀ ଦିନର ଶିକ୍ଷାର କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ସେହିପରି ଘଣ୍ଟାପଡ଼ା ସମଲେଶରୀ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ପଣ୍ଡା ସମ୍ମିଳନୀରେ ବିଦ୍ୟାଳୟର ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତି ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ହୋତା ଧନ୍ୟବାଦ ଦେଇଥିଲେ। ଶେଷରେ ସହକାରୀ ଶିକ୍ଷକ ଜବର ସିଂ ବନଛୋର,ଶଶୀଭୂଷଣ ପ୍ରଧାନ ଓ ସତ୍ୟ ବାଘଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରଧାନଶିକ୍ଷକ ବିଦ୍ୟାଳୟର ପରିବେଶ, ଇ-ଲାଇବ୍ରେରୀ, କମ୍ପୁଟର ହଲ, ବିଜ୍ଞାନ ପରୀକ୍ଷାଗାର, ସ୍ମାର୍ଟ ବୋର୍ଡ ସହ ଶ୍ରେଣୀ କୋଠରୀ, ଶୌଚାଳୟ ଆଦି ବୁଲି ଦେଖିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ବନ ମହୋତ୍ସବରେ ୧ ହଜାର ଚାରାରୋପଣ

ବରଗଡ଼,୭।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ କେଶାଇପାଲି ପଞ୍ଚାୟତ ଅନ୍ତର୍ଗତ ତରାଜୁଙ୍ଗାସ୍ଥିତ ଆଦର୍ଶ ବିଦ୍ୟାଳୟ ପଛପଟେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇରସିସ୍ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରସିସିଏଫ ଟି. ଅଶୋକ କୁମାର, ବରଗଡ଼ ବନଖଣ୍ଡ ଅଧିକାରୀ(ଡିଏଫଓ) ବିକ୍ରମଦେବ ପଟ୍ଟନାୟକ, ସହକାରୀ ବନ ସଂରକ୍ଷକ(ଏସିଏଫ) ରାଜେନ୍ଦ୍ର ଭୋଇ, ବିଡ଼ିଓ ଯୋଗେନ୍ଦ୍ରନାଥ ପଣ୍ଡା, ଭଟଲି ବନାଞ୍ଚଳ ଅଧିକାରୀ ସୁବୋଧ କୁମାର ସାହୁ, ଅଗ୍ନିଶମ ଅଧିକାରୀ ଯୋଗେନ୍ଦ୍ରନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୧ହଜାର ଚାରାରୋପଣ କରିଥିଲେ। ତେବେ ବିଧାୟକ ଆଚାର୍ଯ୍ୟ ଗତ ସାଧାରଣ ନିର୍ବାଚନରେ ୧ ଲକ୍ଷ ୭ ହଜାର ୫୦୮ଖଣ୍ଡ ଭୋଟ୍ ପାଇଥିବାବେଳେ ଆଗାମୀ ୫ବର୍ଷ ମଧ୍ୟରେ ଏହି ନିର୍ବାଚନ ମଣ୍ଡଳୀରେ ସେତିକି ଚାରାରୋପଣ ପାଇଁ ସଂକଳ୍ପ ନେଉଛି ବୋଲି କାର୍ଯ୍ୟକ୍ରମରେ କହିଥିଲେ।

## ଲଗାଇ ଥିବା ଚାରାକୁ ବଞ୍ଚାଇବାକୁ ସଙ୍କଳ୍ପ ନେଲେ

**ଶ୍ରୀରାମ ମହାବିଦ୍ୟାଳୟରେ ବନମହୋତ୍ସବ**

ଡୁଙ୍ଗୁରିପାଲି, ୭।୭ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଶ୍ରୀରାମ ମହାବିଦ୍ୟାଳୟ ପରିସରରେ ଏନ୍ଏସ୍ଏସ ଓ ଯୁବ ରେଡକ୍ରସ ଆନୁକୂଲ୍ୟରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ବିଦ୍ୟାର୍ଥୀମାନେ ଯୋଗଦେଇ ଚାରାରୋପଣ କରିଥିଲେ। ଏନ୍ଏସ୍ଏସ୍ ତରଫରୁ ଏକ ପେଡ ମା' କେ ନାମ ଶୀର୍ଷକ ଭାବଧାରାକୁ ନେଇ ୨୫୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀସତ୍ୟସାଇ ସେବା ସଙ୍ଗଠନ ସୁବର୍ଣ୍ଣପୁରର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସମସ୍ତେ ନିଜେ ରୋପଣ କରିଥିବା ଚାରାକୁ ପୋଷ୍ୟ ରୂପେ ଗ୍ରହଣ କରି ସୁରକ୍ଷା ପ୍ରଦାନ କରିବା ସଙ୍କଳ୍ପ ନେଇଥିଲେ।



ବନ ମହୋତ୍ସବ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ରଥ ପଥ ସବୁଠି ଜଗନ୍ନାଥ



ଭବାନୀପାଟଣାରେ ରଥଯାତ୍ରାରେ ଭକ୍ତଙ୍କ ଗହଳି।

ଭବାନୀପାଟଣା,୭।୭ (ଉତ୍ତମ କୁମାର ଦାଶ)

■ କଳାହାଣ୍ଡି ଜିଲାରେ ରଥଯାତ୍ରା
■ ବର୍ଷା ସତ୍ତ୍ୱେ ଭକ୍ତଙ୍କ ସମାଗମ

କଳାହାଣ୍ଡି ଜିଲାର ୧୩ଟି ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ମହାପ୍ରଭୂଙ୍କ ପବିତ୍ର ଘୋଷଯାତ୍ରା ବା ରଥଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। କେତେକ ସ୍ଥାନରେ ଝିପିଝିପି ବର୍ଷା ସତ୍ତ୍ୱେ ମଧ୍ୟ ଭକ୍ତଙ୍କ ଭାବ ଆଗରେ ହାର ମାନିଥିଲା ବର୍ଷା। ଜିଲାର ସଦର ମହକୁମା ଭବାନୀପାଟଣା ମୁଖ୍ୟ ଜଗନ୍ନାଥ ମନ୍ଦିର, ବାଲାଜୀ ମନ୍ଦିର ଓ କରନପିଟା ଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଘୋଷଯାତ୍ରା ପାଳନ କରାଯାଇଛି। ରଥ ଟଣା ସମୟରେ ସହରର ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମୁଖ୍ୟ ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଯାୟୀ ଜଗନ୍ନାଥଙ୍କ ଆଦ୍ୟ ସେବକ ଭାବରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ବଳଭଦ୍ରଙ୍କ ଅଣ୍ଟାରେ ବନ୍ଧା ଯାଇଥିବା ପାଟ ଦଉଡି ଧରି ପହଣ୍ଡି ବିଜେ ସେବା ସମ୍ପନ୍ନ କରିଥିଲେ। ସେହିପରି ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ ଜଗନ୍ନାଥଙ୍କ ପାଟ ଦଉଡି ଧରିଥିଲେ। ଜୁନାଗଡ ସହରରେ ୪ଟି ସ୍ଥାନରେ ଓ ବ୍ଲକର ପ୍ରାୟ ଗ୍ରାମରେ ଘୋଷଯାତ୍ରା ହୋଇଥିଲା। ମହିଚଲାରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ସେବା ସ୍ଥାନୀୟ ମହିଳାମାନେ କରିଥିଲେ। ସେହିପରି ବ୍ଲକର ନୂଆଗୁଡା ଓ ଚିଚୈଗୁଡାରେ ମଧ୍ୟ ଧୁମଧାମରେ ଘୋଷଯାତ୍ରା ପାଳିତ ହୋଇଯାଇଛି।

## ବର୍ଷାରେ ଭିଜିଲେ ଭକ୍ତ, ଭଗବାନ

କୋକସରା,୭।୭ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ରବିବାର ସମାପନ ହୋଇଛି। ସକାଳୁ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ସମସ୍ତ ନୀତିକାନ୍ତି ଶେଷ ହେବା ପରେ ପହଣ୍ଡି ବିଜେ ଓ ଛେରାପହଁରା କାର୍ଯ୍ୟକ୍ରମ ହୋଇଥିଲା। ପରେ ରଥଟଣା ଆରମ୍ଭ ବେଳକୁ ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଭକ୍ତଙ୍କ ଗହଣରେ ରଥରେ ମାଉସୀ ମା' ଘର ଗଲେ ଚତୁର୍ଦ୍ଧା ମୁରତି, ଜଗନ୍ନାଥ ବଡଭାଇ ବଳଭଦ୍ର, ସୁନା ଭଉଣୀ ସୁଭଦ୍ରା। ବର୍ଷାରେ ଭକ୍ତ ସହ ଭଗବାନ ଭିଜିଥିଲେ। କୋକସରା ବ୍ଲକର କୋକସରା, ଆମପାଣି, କାଉଡୋଲା, ଗୋତମୁଣ୍ଡା, ଲଡୁଗାଁ, ଟେମରା, ମୋଟେର, ଖୁଣ୍ଟିଆ, ଡଙ୍ଗରୀଗୁଡା, ଛିଲିପାମାଲ, କେନ୍ଦୁଡଙ୍ଗରୀ, କାଶୀବାହାଲ ଆଦି ସ୍ଥାନରେ ମହାପ୍ରଭୂଙ୍କ ଘୋଷଯାତ୍ରା ପାଳିତ ହୋଇଛି।

## ସଂକ୍ଷେପରେ

### ୫୦ ଫୁଟ ଉଚ୍ଚତାର ରଥ

ଲାଞ୍ଜିଗଡ଼, ୭।୭ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଳିତ ହୋଇଯାଇଛି। ଲାଞ୍ଜିଗଡ ବ୍ଲକର ଲାଞ୍ଜିଗଡ଼, ଲାଞ୍ଜିଗଡ ରୋଡ, ମୁଷାନାଳ, ରାମଚନ୍ଦ୍ରପୁର ଓ ଗନ୍ଧରବାରୁ ମଧ ଠାରେ ରଥଯାତ୍ରା ହୋଇଥିଲା। ଲାଞ୍ଜିଗଡଠାରେ ପ୍ରଥମ ଥର ପାଇଁ ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଭବ୍ୟ ରଥ ନିର୍ମାଣ କରାଯାଇଛି। ଲାଞ୍ଜିଗଡ ସ୍ଥିତ ମନ୍ଦିରରେ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପରେ ଅପରାହ୍ନ ୪ଟାରେ ଶ୍ରୀଜୀଉଙ୍କ ଛେରାପହଁରା ଅନୁଷ୍ଠିତ ହୋଇଥିଲା ଏବଂ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ରଥକୁ ଟାଣି ଟାଣି ମାଉସୀ ମା'ମନ୍ଦିରକୁ ନେଇଥିଲେ। ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ ରଥ ଉପରେ ଛେରାପହଁରା କରିଥିଲେ। ନିୟମଗିରି ଅଞ୍ଚଳରେ ରହୁଥିବା ଝରଣିଆ, ଡଙ୍ଗରିଆ କନ୍ଧ ତାଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବେଶଭୂଷାରେ ସଜ୍ଜିତ ହୋଇ ଯାତ୍ରାସ୍ଥଳକୁ ଆସିଥିଲେ।

### ବାଇକ୍ ଦୁର୍ଘଟଣା, ଚାଳକଙ୍କ ମୃତ୍ୟୁ

କୋକସରା,୭।୭ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜୁ ଏକ୍ସପ୍ରେସ ୱେର କୁଳେରଗୁଡା ଘଣ୍ଟିଗୁଡା ରାସ୍ତାର ଏକ ବୁଲାଣି ନିକଟରେ ଶନିବାର ରାତିରେ ବାଇକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଦୁର୍ଘଟଣା ସମ୍ପର୍କରେ ଆମପାଣି ପୋଲିସକୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇବା ସହ ତଦନ୍ତ ଜାରି ରଖିଛନ୍ତି। ମୃତକ ହେଲେ କାଉଡୋଲା ପଞ୍ଚାୟତ ବାଞ୍ଜିବାହାଲ ଗ୍ରାମର ମୋହନ ମାଝି(୫୦)। ସେ କୌଣସି କାମରେ ବେହେରା ଯାଇ ରାତିରେ ଘରକୁ ଫେରିବା ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ତେବେ କୌଣସି ଅଜଣା ବାଇକ ଧକ୍କା ଦେବା ଫଳରେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକଙ୍କ ୪ ପୁଅ ଓ ସ୍ତ୍ରୀ ରହିଛନ୍ତି। ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

## ମହିଳା ଟାଣିଲେ ସୁଭଦ୍ରା ରଥ

ସିନାପାଲି, ୭।୭ (ମନଫୁଲ ମେହେର)



ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣୁଛନ୍ତି।

ନୂଆପଡା ଜିଲା ସିନାପାଲି ଓ ଆଖପାଖ ଅଞ୍ଚଳରେ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟରେ ମହାପ୍ରଭୂଙ୍କ ରଥଯାତ୍ରା ହୋଇଛି। ଶ୍ରୀଜୀଉଙ୍କ ପହଣ୍ଡି ବିଜେ ପରେ ମନ୍ଦିର କମିଟିର ସଭାପତି ବୈଶମ୍ପାୟନ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହରା କରାଯାଇ ରଥଟଣା ଆରମ୍ଭ ହୋଇଥିଲା । ରଥଯାତ୍ରାରେ ପାରମ୍ପରିକ ସମ୍ପ୍ରଦା, ସଂକୀର୍ତ୍ତନ, ଘଣ୍ଟ ବାଦ୍ୟ ଆଦି ସାମିଲ ହୋଇଥିଲେ। ଏଠିକାର ପରମ୍ପରା ଅନୁସାରେ ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳା ଭକ୍ତମାନେ ଟାଣିଟାଣି ନେଇ ମାଉସୀ ମା'ମନ୍ଦିରରେ ପହଞ୍ଚାଇ ଥିଲେ। ଏହି ବ୍ଲକର ବ୍ରାହ୍ମଣପଡ଼ା, ହାତୀବନ୍ଧା, ସାଗୁନଭା, ଗଣ୍ଡାବାହାଲୀ, କେନ୍ଦୁମୁଣ୍ଡା, ସିଙ୍ଗଝର, ଟିମନପୁର, ଜାମଗାଁ, ଅରସାପ ବରଗାଁ, ଗମ୍ଭାରିଗୁଡ଼ା ଗୋର୍ଲା, ଝାରବନ୍ଧ ଗ୍ରାମରେ ରଥଯାତ୍ରା ସମ୍ପନ୍ନ ହୋଇଛି।

## ବିଭିନ୍ନ ସ୍ଥାନରେ ରଥଯାତ୍ରା

### ତିନିଠାକୁରଙ୍କୁ ଦର୍ଶନ କଲେ ଶହ ଶହ ଶିଶୁ

କର୍ଲାମୁଣ୍ଡା, ୭।୭(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲାକର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। କର୍ଲାମୁଣ୍ଡା ବସ୍ତିଠାରେ ହଜାର ହଜାର ଭକ୍ତଙ୍କ ସମାଗମରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ରିତିକାନ୍ତିରେ ପୂଜାର୍ଚ୍ଚନା ସହ ରଥ ଉପରକୁ ବିଜେ କରିଥିଲେ। ଶିଶୁମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ତଥା ସୁସ୍ଥ ସବଳ ହେବାର କାମନାରେ ମାତା ପିତା ଶହ ଶହ ଶିଶୁଙ୍କୁ ରଥାରୁଢ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ଦର୍ଶନ କରାଇଥିଲେ। ସେହିପରି ବ୍ଲକର ରିଷିଡା, ଟକାରୁମାଲ, ରେଗଡା, ତେରେସିଙ୍ଗା, ଗଜବାହଲ ଆଦି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସୀତାକାନ୍ତ



@ ଅଶ୍ୱିନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦିବ୍ୟଜୀବନ ସଂଘର ବାର୍ଷିକ ପତ୍ରିକା ଉନ୍ମୋଚିତ

ଭବାନୀପାଟଣା,୭।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡିର ସୁଭଦ୍ରାକ୍ଷେତ୍ର ଭାବେ ପରିଚିତ ଯୁଗସାଇପାଟଣା ଠାରେ ରବିବାର କଳାହାଣ୍ଡି ଦିବ୍ୟ ଜୀବନ ସଂଘ ଦ୍ୱାରା ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ସମ୍ପାଦିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଜନସମାଗମ ହୋଇଥିଲା। ଦିବ୍ୟଜୀବନ ସଂଘର ବରିଷ୍ଠ ସଦସ୍ୟ ପ୍ରଫେସର ବିପିନ ବିହାରୀ ପଣ୍ଡା ଛେରାପହରା କାର୍ଯ୍ୟ ସମ୍ପାଦନ କରିଥିଲେ। ସଂଘର ଜିଲା ସଭାପତି ପ୍ରଫେସର ରଜନୀକାନ୍ତ ବେହେରା, ଉପସଭାପତି ପଦ୍ମଲୋଚନ ମିଶ୍ର, ଜଗଦୀଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରଶାନ୍ତ ପଣ୍ଡା, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ, ବରିଷ୍ଠ ସଦସ୍ୟ ଗୋକୁଳ ବିହାରୀ ପଣ୍ଡା ଓ ପ୍ରମୋଦ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଦିବ୍ୟ ଜୀବନ ସଂଘର ବାର୍ଷିକ ପତ୍ରିକା ସୁଭଦ୍ରା କ୍ଷେତ୍ର ମୁଖ୍ୟଅତିଥି ପ୍ରଫେସର ବିପିନ ବିହାରୀ ପଣ୍ଡାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## କଂସାରୀରେ ବନ ମହୋତ୍ସବ ପାଳିତ

ଲାଞ୍ଜିଗଡ଼, ୭।୭(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ତଥା ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ଲାଞ୍ଜିଗଡ ସେକ୍ସନ କଂସାରୀଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜୁଲାଇ ୧ରୁ ୭ ପର୍ଯ୍ୟନ୍ତ ଏହି ବନ ମହୋତ୍ସବ ପାଳନ କରିବା ପାଇଁ ବନ ବିଭାଗ ପକ୍ଷରୁ ତାରିଖ ଧାର୍ଯ୍ୟ ରହିଥିବାବେଳେ ରବିବାର ଶେଷ ଦିବସରେ ଲାଞ୍ଜିଗଡ ସେକ୍ସନର ବନପାଳ ଚିନ୍ତାମଣି ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ବସନ୍ତପଡା ନାଏବ ସରପଞ୍ଚ ବିଳାସିନୀ ସୁନା,ଲାଞ୍ଜିଗଡ ସେକ୍ସନର ବନରକ୍ଷୀ ଗିରିଧାରୀ ଗଉଡ଼, ଆମ ଜଙ୍ଗଲ ଯୋଜନା ଟିମ୍ ଲିଡ଼ର ଅମିୟ ତ୍ରିପାଠୀ ଓ ନିରାକାର ଦାସ, ଡିଓ ଦୁଳାରାମ ନିଆଲ, ଡିଓ ଉଦିତ ନାଏକ, ଡିଓ ସନ୍ତୋଷ ମାଝି, ମାର୍କୋ ବାତ୍ରା, କ୍ରିଷ୍ଣ ନାଏକ, ତ୍ରିଲୋଚନ ସାହୁ, ସାଣ୍ଡରୁ ମାଝୀ, ଡିଲେସ ପ୍ରାଧାନୀ ସମେତ କଂସାରୀ ଗ୍ରାମର ପୁରୁଷ ଓ ମହିଳାମାନେ ଉପସ୍ଥିତ ରହି ଏହି ବନ ମହୋତ୍ସବକୁ ସଫଳ କରାଇଥିଲେ। ଏହି ଅବସରରେ ଲାଞ୍ଜିଗଡ ସେକ୍ସନ ବାତେଲିମା ବିଟ ନିୟମଗିରି ଆରଏଫ କଂସାରୀ ଜଙ୍ଗଲରେ ୫ ହେକ୍ଟର ଜମିରେ ୮ ହଜାର ବିଭିନ୍ନ କିଶମର ବୃକ୍ଷରୋପଣ କରାଯାଇଥିଲା। ବନବିଭାଗର ଅସ୍ଥାୟୀ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଶ୍ୱନାଥପୁର ବନାଞ୍ଚଳର ଏଇ ଲାଞ୍ଜିଗଡ ସେକ୍ସନ ଅଞ୍ଚଳରେ ଜନସାଧାରଣଙ୍କ ସହଭାଗିତାରେ ଜଙ୍ଗଲ ସୁରକ୍ଷା ପାଇଁ ବନବିଭାଗ ଅଣ୍ଟା ଭିଡ଼ିଥିବାବେଳେ ଲାଞ୍ଜିଗଡ ବନ ମହୋତ୍ସବରେ ଏହାର ନିଦର୍ଶନ ଦେଖିବାକୁ ମିଳିଛି।

## ମାରଣାସ୍ତ୍ର ଦେଖାଇ ସୁନା, ଟଙ୍କା ଲୁଟ୍

ଭବାନୀପାଟଣା/ଜୟପାଟଣା, ୭।୭ (ଉତ୍ତମ କୁମାର ଦାଶ/ଓମ ପ୍ରକାଶ ବୈଠାରୁ)



ଜୟପାଟଣା ପୋଲିସ ଘଟଣାର ତଦନ୍ତ କରୁଛି।

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ପୁଣି ସକ୍ରିୟ ହୋଇଛନ୍ତି ଡକାୟତ ଦଳ। ଶନିବାର ବିଳମ୍ବିତ ରାତିରେ ରାଜାମୁଡା ଗାଁର ରତନ ରଣାଙ୍କ ଘରେ ୭ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୧୦ ଭରି ସୁନା ଗହଣା ସହ ୪ ଲକ୍ଷ ନଗଦ ଟଙ୍କା ଲୁଟିନେଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଛି। ରତନ ଓ ତାଙ୍କ ପରିବାର ରାତିରେ ଶୋଇଥିବାବେଳେ ୭ ଜଣ କଳା ମୁଖା ପିନ୍ଧି ଘରର ଗ୍ରୀଲ ଭାଙ୍ଗି ଭିତରକୁ ଧସେଇ ପଶିଥିଲେ। ପରିବାର ଲୋକଙ୍କୁ ଧାରୁଆ ଅସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ପରେ ରତନଙ୍କ ବୋହୂଙ୍କ କୋଠରୀରେ ଥିବା ଗଡ଼ରେଜରୁ ୧୦ ତୋଲା ସୁନାଗହଣା ସହ ରତନଙ୍କ ଶେଜ ତଳେ ଥିବା ୪ ଲକ୍ଷ ଟଙ୍କା ନେଇଥିବା ରତନ କହିଛନ୍ତି। ଦୁର୍ବୃତ୍ତମାନେ ଓଡ଼ିଆ ଭାଷାରେ କଥାବାର୍ତ୍ତା ହେଉଥିବାବେଳେ ରତନ ଓ ତାଙ୍କ ସ୍ତ୍ରୀଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଏଥିରେ ସେମାନେ ଆହତ ହୋଇଛନ୍ତି। ଏ ନେଇ ସ୍ଥାନୀୟ ଥାନାରେ ରତନ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ଜୟପାଟଣା ପୋଲିସ, ସାଇଣ୍ଟିଫିକ୍ ଟିମ ଓ ଡ଼ଗ ସ୍କ୍ୱାଡ୍ ପହଞ୍ଚି ଘଟଣାର ଛାନ୍‌ଭିନ୍ ଚଳାଇଛନ୍ତି।

ଏଠାରେ ପ୍ରକାଶ ଥାଉକି କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତ ଝୁଲୁଘାଟି ଖୋଲିବା ପରେ ଏହି ଘାଟି ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଆଡ୍ଡା ସାଜିଛି। କିଛିଦିନ ତଳେ ଏହି ଅଞ୍ଚଳରେ ଏଭଳି ଲୁଟ ହୋଇଥିଲା। ବର୍ତ୍ତମାନ କିଛି ଦିନ ନୀରବତା ପରେ ପୁଣି ସେହିଭଳି ଡକାୟତି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

## କୋକସରା ବିଦ୍ୟୁତ୍ ସେକ୍ସନକୁ ସମ୍ବର୍ଦ୍ଧନା

କୋକସରା,୭।୭(ଦୁଷ୍ମନ୍ତ କୁମାର ପାଢୀଯୋଷୀ)

ରାଜ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରକ କମ୍ପାନୀ ପକ୍ଷରୁ ବୁର୍ଲା ବିଭାଗୀୟ କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଥିବା ବାର୍ଷିକ ସର୍ବଶ୍ରେଷ୍ଠ ପ୍ରଦର୍ଶନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲା କୋକସରା ଇଏସଓ ସେକ୍ସନକୁ ଉଲ୍ଲେଖଯୋଗ୍ୟ ବିଦ୍ୟୁତ୍ ସେବା ପ୍ରଦାନ, ବିଦ୍ୟୁତ୍ ଶୁଳ୍କ ସଂଗ୍ରହ ପାଇଁ ସର୍ବଶ୍ରେଷ୍ଠ ସେକ୍ସନ ଭାବେ ମାନପତ୍ର ସହ ସମ୍ବର୍ଦ୍ଧନା ଦିଆଯାଇଛି। କୋକସରା ବ୍ଲକ ସେକ୍ସନର ଟାଟା ପାୱାର କନିଷ୍ଠ ଯନ୍ତ୍ରୀ ବ୍ରଜ ମୋହନ ଦଳେଇ ଓ ଅନ୍ୟ କର୍ମଚାରୀ ଏହି ମାନପତ୍ର ବିଭାଗୀୟ ଅଧିକାରୀଙ୍କଠାରୁ ଗ୍ରହଣ କରିଥିଲେ।




ବିଭାଗୀୟ କର୍ମଚାରୀମାନେ ମାନପତ୍ର ଗ୍ରହଣ କରୁଛନ୍ତି।

## ନିର୍ଯାତନା: ଦାଦନ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ଖଡ଼ିଆଳ,୭।୭(ସୁଜିତ କୁମାର ପ୍ରଧାନ)

ଆନ୍ଧ୍ରପ୍ରଦେଶ ଇଟାଭାଟିରେ ଜଣେ ଦାଦନ ଶ୍ରମିକଙ୍କୁ ହତ୍ୟା ଓ ପରିବାର ଲୋକଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ କରି ଇଟା ଭାଟି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ଖଡ଼ିଆଳ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି ପରିବାର ଲୋକେ। ଅଭିଯୋଗ ଅନୁଯାୟୀ ଖଡ଼ିଆଳ ଥାନା ଅନ୍ତର୍ଗତ ଗୋଡଧୁଆପଦର ଗ୍ରାମର ତେୟାସି ପାନ, ତାଙ୍କ ନାତି ନରୋତ୍ତମ ପାନ ଓ ନରୋତ୍ତମଙ୍କ ସ୍ତ୍ରୀ କବିତା ଗତ ନଭେମ୍ବରରେ ଆନ୍ଧ୍ରପ୍ରଦେଶ ଇଟା ଗଢିବାକୁ ଯାଇଥିଲେ। ନୂଆପଡା ଜିଲା ସିନାପାଲିର ଦାଦନ ସର୍ଦ୍ଦାର ଦୀନବନ୍ଧୁ ସୁନାନୀ ଏମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେଠାକୁ ନେଇଥିଲେ। ହାଇଦ୍ରାବାଦସ୍ଥିତ ପଇଦାପାଲିର ସେଠ ଝାପଡ ଖାନଙ୍କ ପାଖରେ ସେମାନେ କାମ କରୁଥିଲେ। ଚଳିତ ବର୍ଷର ଜାନୁଆରୀ ମାସରେ ହଠାତ ଝାପଡ ଖାନ ତିୟାସି ଓ ତାଙ୍କ ନାତିକୁ କାମ କରୁ ନ ଥିବା ଅଭିଯୋଗ କରି ମାଡ ମାରିଥିଲେ। ଏହାର ପ୍ରତିବାଦ କରିବାରୁ ଆଉ କିଛି ଲୋକଙ୍କୁ ଡାକିଥିଲା ଝାପଡ। ସେମାନେ ଆସି ଟାଙ୍ଗିଆ ଓ ଠେଙ୍ଗାରେ ମାଡ ମାରିଥିଲେ। ତିୟାସି ବେହୋସ ହୋଇ ପଡ଼ିବାରୁ ସେମାନେ ସେ ସ୍ଥାନ ଛାଡି ପଳାଇଲେ। ନରୋତ୍ତମ ନିଜ ଅଜାଙ୍କୁ ଉଠାଇଲା ପରେ ଜାଣିଲେ ସେ ଆଉ ଜୀବନରେ ନାହାନ୍ତି। ଖବର ପାଇଲା ପରେ ଝାପଡ଼ ଖାନ ଓ ସହଯୋଗୀମାନେ ଆସି ନରୋତ୍ତମ ଓ ତାଙ୍କ ସ୍ତ୍ରୀ କବିତାଙ୍କୁ ଗୋଟିଏ ଘରେ ଭର୍ତ୍ତି କରିଦେଲେ। ଏହି ଘଟଣା କାହାକୁ କହିଲେ ମାରିବାକୁ ଧମକ ଦେଇ ମୃତଦେହ ନେଇ ଚାଲିଗଲେ। କିଛିଦିନ ତଳେ ସେମାନଙ୍କୁ ଛାଡି ଦେବା ପରେ ଘରେ ପହଞ୍ଚି ସବୁ କଥା କହିଥିଲେ। ଖବର ଜାଣିବା ପରେ ତାଙ୍କ ପୁଅ ତ୍ରିନାଥ ପାନ ଦାଦନ ଦଲାଲକୁ ଯୋଗାଯୋଗ କରିବାରୁ ସେ କୁଆଡେ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଏନେଇ ତ୍ରିନାଥ ପାନ ଖଡ଼ିଆଳ ଥାନାରେ ଆସି ଅଭିଯୋଗ କରିବା ସହ ଦାଦନ ଦଲାଲ, ଇଟା ଭାଟି ମାଲିକ ଓ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ଏହି ବିଷୟ ନେଇ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ଏହାର ଦଦନ୍ତ ଚାଲୁଛି ବୋଲି କହିଛନ୍ତି।

## ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଯୁନୋସିନ ଦିବସ

ନୂଆପଡ଼ା,୭।୭ (ମକାରୁ ବେମାଲ)

ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ସମ୍ମିଳନୀ କକ୍ଷଠାରେ ଶନିବାର ବିଶ୍ୱ ଯୁନୋସିନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାଣୀ ଠାରୁ ମନୁଷ୍ୟକୁ ବ୍ୟାପୁଥିବା ରୋଗ ସମ୍ପର୍କରେ ସଚେତନ ହେବା ସହ ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ବନ୍ୟ ପ୍ରାଣୀ ବିଭାଗ ଓ ବନ ବିଭାଗ ପ୍ରମୁଖ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ବିଶେଷକରି ଅଗ୍ରୀମ ରୋଗର ଲକ୍ଷଣ ନେଇ ଚିକିତ୍ସା, ଟୀକାକରଣ, ନିବାରଣ, ପ୍ରତିଷେଧକ ପଦକ୍ଷେପ ସହିତ, ସଚେତନ ଦ୍ୱାରା ଏହି ରୋଗ ସଂକ୍ରମଣ ରୋକା ଯାଇପାରିବ ବୋଲି ବୈଠକରେ ଆଲୋକପାତ କରିଥିଲେ। ଭାରପ୍ରପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଗୁରୁ ପ୍ରସାଦ ଜେନା, ଉପ ଜିଲାପାଳ ଯୋଗେନ୍ଦ୍ର ମାଝୀ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ସେଠ, ରେଞ୍ଜର ସୁନିଲ କୁମାର ମିଶ୍ର, କିଶୋର ପଟେଲ ପ୍ରମଖ ଯୋଗଦେଇ ମଞ୍ଚାସୀନ ଥିଲେ। ସୁଶୀଳା ଦେବୀ ନର୍ସିଂ କଲେଜ ଛାତ୍ରୀଛାତ୍ର, ଆଶା କର୍ମୀମାନେ ଯୋଗ ଦେଇଥିଲେ।




ସୁଶୀଳା ଦେବୀ ନର୍ସିଂ କଲେଜ ଛାତ୍ରୀଛାତ୍ର।

## ଖଡ଼ିଆଳରେ ୩ ରଥରେ ୪ ଠାକୁର

ଖଡ଼ିଆଳ, ୭।୭(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳରେ ବହୁ ପ୍ରାଚୀନ କାଳରୁ ପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପ୍ରଚଳିତ ରହିଛି। ଖଡିଆଳଠାରେ ୧୨ ଶହ ଶବ୍ଦାଦିର ଦଧିବାମନ ମନ୍ଦିର ପ୍ରତିଷ୍ଠା ହୋଇଛି। ଖଡିଆଳର ତିନୋଟି ସ୍ୱତନ୍ତ୍ର ମନ୍ଦିରରେ ପୂଜା ପାଇ ତିନି ରଥରେ ରଥରୁଢ଼ ହୋଇ ରଥଯାତ୍ରାରେ ବିଜେ କରିଥାନ୍ତି । ତିନି ଠାକୁର ତିନି ଅବତାର ଯଥା ପତିତପାବନ, ବାମନ ଏବଂ ମଦନ ମୋହନ ଅବତାରରେ ପୂଜା ପାଇଥାନ୍ତି । ଦଧିବାବନ ମନ୍ଦିରରେ ବାମନ ଅବତାରରେ ଜଗନ୍ନାଥ ପୂଜା ପାଉଥିବା ବେଳେ ମଝିଆ ମନ୍ଦିରରେ ମଦନ ମୋହନ ଅବତାରରେ ପୂଜା ପାଇଥାନ୍ତି । ସେହିପରି ସାନଗୁଡି ମନ୍ଦିରରେ ପତିତପାବନ ଅବତାରରେ ଠାକୁର ପୂଜା ପାଇଥାନ୍ତି । ପତିତପାବନଙ୍କୁ ମନ୍ଦିର ବାହାରୁ ମଧ୍ୟ ଦର୍ଶନ କରିବାର ପରମ୍ପରା ରହିଛି । ରବିବାର ତିନି ମନ୍ଦିରରେ ନବ ଯୌବନ ବେଶ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ମନ୍ଦିର ପରିସରକୁ ଗୋବର ଲେପନ ଦେଇ ଠାକୁରଙ୍କୁ ପ୍ରାଣ ପ୍ରତିଷ୍ଠା କରି ନୂତନ ବସ୍ତ୍ର ସହ ସହ ମଳିମାଳରେ ପୂଜାର୍ଚ୍ଚନା କରାଯାଇଥିଲା । ଖଡିଆଳରେ ଅନନ୍ୟା ପରମ୍ପରା ତିନି ଗୋଟି ରଥରେ ୪ ଜଣ ଠାକୁର ବିଜେ ହେବାର ପରମ୍ପରା ରହିଛି । ଦଧିବାମନ ମନ୍ଦିର ରଥରେ ପ୍ରଭୁ ଜଗନ୍ନାଥ ବାମନ ରୂପରେ ରଥରୂଢ ହୋଇ ବାହାରିଥିଲେ । ସେହିପରି ସାନଗୁଡିରୁ ପ୍ରଭୁ ପତିତପାବନ ରୂପେ ରଥାରୂଢ଼ ହେଉଥିବା ବେଳେ ମଝିଆ ମନ୍ଦିରରେ ମଦନ ମୋହନ ରୂପେ ବିଜେ କରିଥିଲେ । ଫଳରେ ଦୁଇ ଜଗନ୍ନାଥ ସହିତ ବଳଭଦ୍ର ଏବଂ ମା' ସୁଭଦ୍ରା ବିଜେ କରି ରଥଯାତ୍ରା ପାଳିତ ହୋଇଥିଲା। ଖଡିଆଳର ଯୁବରାଜ ଦେବଦେବ ସିଂ ଦେଓ ପ୍ରଥମେ ଛେରାପହରା କରି ଯୋଡି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଚାରି ଠାକୁରଙ୍କୁ ରଥାରୂଢ କରିଥିଲେ । ଶତାଧିକ ଶ୍ରଦ୍ଧାଳୁ ତିନି ରଥକୁ ଜୟ ଜଗନ୍ନାଥ କହି ମାଉସୀ ମା' ମନ୍ଦିରକୁ ଟାଣି ନେଇଥିଲେ।


ପ୍ଲାଣ୍ଟସାଇଡରେ ଜଗନ୍ନାଥଙ୍କୁ ପହଣ୍ଡିରେ ନିଆଯାଉଛି।


ହନୁମାନ ବାଟିକାରେ ଜଗନ୍ନାଥଙ୍କୁ ପୂଜା କରାଯାଉଛି।


ଏନଆଇଟି ପରିସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥରେ ନିଆଯାଉଛି।


ସେକ୍ଟର-୩ରେ ଏକାଠି ହୋଇଥିବା ୩ ରଥ

# ଭକ୍ତିମୟ ହେଲା ଇସ୍ପାତ ସହର

ରାଉରକେଲା,୭।୭(ଦିନେଶ ମିଶ୍ର)

ରାଉରକେଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳିତ ହୋଇଯାଇଛି। ଏନେଇ ସହରରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥିଲା। ପ୍ଲାଣ୍ଟସାଇଟ୍ ସ୍ଥିତ ଜଗନ୍ନାଥ ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ମଧୁସୂଦନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭୋର ସାଢେ ୪ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଙ୍ଗଳାଆଳତି ଅର୍ପଣ କରିବା ପରେ ସୂର୍ଯ୍ୟପୂଜା, ଗୋପୂଜା, ଦ୍ୱାରପାଳ ପୂଜା, ମନ୍ଦିର ପାର୍ଶ୍ୱଦେବା ଦେବୀ ପୂଜା ସହ ଷୋଡଶ ଉପଚାର ପୂଜା କରାଯାଇଥିଲା। ସକାଳ ୯ଟାରେ ଗୋପାଳ ବଲ୍ଲଭ ଭୋଗ, ଖିଚିଡି ଭୋଗ ଲାଗି କରାଯାଇଥିଲା। ଅପରାହ୍ନ ସାଢେ ୨ଟାରେ ତିନି ରଥର ପୂଜା ହୋଇଥିଲା। ୩ଟା ୧୦ରେ ରାଜା ଚିତ୍ତ ରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଛେରା ପହଁରା କରାଯାଇଥିଲା। ସ୍ଥାନୀୟ ବହୁ ଭକ୍ତଙ୍କ ଉପସ୍ଥିତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ତିନି ରଥରେ ସ୍ଥାପନ କରାଯାଇ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ରଥ ପ୍ଲାଣ୍ଟସାଇଟ ଜଗନ୍ନାଥ ମନ୍ଦିରରୁ ବାହାରି ପାୱାର ହାଉସ୍‌ରୋଡ ସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ଏଥିରେ ପଦ୍ମନାଭ ପଣ୍ଡା, ଦେବନାଥ ପାଣିଗ୍ରାହୀ, ଦିଲୀପ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ କମିଟିର ପ୍ରସନ୍ନ ସେନାପତି, ଗୋପିନାଥ ବିଶ୍ୱାଳ, ପ୍ରଣୟ ନାୟକ, କମଳାକାନ୍ତ ବାରିକ, ପ୍ରିୟବ୍ରତ ରାଉତ, ସୁମନ୍ତ ନାୟକ, ଉମେଶ ପୋଥାଳ, ରାଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ଉଦିତନଗର ସ୍ଥିତ ଜଗନ୍ନାଥ ଚାରିଟ୍ରେବୁଲ ଟ୍ରଷ୍ଟ ପକ୍ଷରୁ ରଥଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ପୂଜକ ଦୀନବନ୍ଧୁ ଦାଶଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ଜଗନ୍ନାଥଙ୍କ ସକାଳ ଧୂପ, ଗୋପୂଜା, ସୂର୍ଯ୍ୟପୂଜା, ଚତୁର୍ଦ୍ଧାମୂର୍ତ୍ତିଙ୍କ ଷୋଡଷ ଉପଚାର ପୂଜା କରାଯାଇଥିଲା। ସକାଳ ସାଢେ ୭ଟାରେ ଜଗନ୍ନାଥଙ୍କ ନେତ୍ରଯୌବନ ଦର୍ଶନ ଲାଗି ଭକ୍ତଙ୍କ ଭିଡ ଲାଗିଥିଲା। ସକାଳ ସାଢେ ୮ଟାରେ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକଙ୍କ ଦ୍ୱାରା ମହାପ୍ରଭୁଙ୍କୁ ନିତ୍ୟଭୋଗ ସାଙ୍ଗକୁ ସେନାପଟା ବେଶରେ ସୁସଜ୍ଜିତ କରାଯାଇଥିଲା। ପରେ ପୂର୍ବାହ୍ନ ସାଢେ ୨ଟାରେ ମନ୍ଦିରର ଦଇତାପତି ବିଜୟ କୁମାର ପ୍ରଧାନ ଛେରାପହଁରା କରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ୩ରଥ ଉପରେ ସ୍ଥାପନ କରାଯାଇଥିଲା। ସାଢେ ୩ଟାରେ ରଥ ଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ରଥ ଉଦିତନଗର ସ୍ଥିତ ଜଗନ୍ନାଥ ମନ୍ଦିରରୁ ବାହାରି ରାଉରକେଲା ରେଲୱେ ଷ୍ଟେଶନ ସ୍ଥିତ ଶଙ୍କଟମୋଚନ ମନ୍ଦିରରେ ପହଞ୍ଚିଲା। ସମସ୍ତ ରୀତିନୀତିକୁ ପୂଜକ ଅଭିଷେକ ଦାଶ, ରାହୁଲ ଦାଶ, ସତ୍ୟବ୍ରତ ପଣ୍ଡା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସୂର୍ଯ୍ୟମଣି ବେହେରା, ଦିଲୀପ କର, ଭୁବନାନନ୍ଦ ଦାସ, ସଞ୍ଜୟ ମିସ୍ତ୍ରୀ, ଧ୍ରୁବଚରଣ ମଲ୍ଲ, ରଶ୍ମିରଞ୍ଜନ ଦାସ, ଜିତେନ୍ଦ୍ର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ କ୍ଷେତ୍ରବାସୀ କରଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ମହାପ୍ରଭୁଙ୍କ ଅବକାଶ ଧୂପ ସାଙ୍ଗକୁ ଦ୍ୱାର ଖୋଲାନୀତି, ସୂର୍ଯ୍ୟପୂଜା, ଗୋପୂଜା,ମନ୍ଦିର ପାଶ୍ୱଦେବାଦେବୀ ପୂଜା, ମଙ୍ଗଳାଆଳତି ଓ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଆଳତି କରାଯାଇଥିଲା। ସକାଳ ୭ଟାରେ ମହାପ୍ରଭୁଙ୍କ ନେତ୍ରଉତ୍ସବ ଦର୍ଶନ ପାଇଁ ପୂଜା କରାଯାଇଥିଲା। ଅପରାହ୍ନ ସାଢେ ୩ଟାରେ ରାଜା ଡ.ଗୋପବନ୍ଧୁ ବଳ ଛେରାପହଁରା କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ରଥ ଉପରକୁ ନେଇ ବିରଜମାନ କରାଯାଇ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ରଥ ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିରରୁ ବାହାରି ମାଲଗୋଦାମ ସ୍ଥିତ ସୋମନାଥ ମନ୍ଦିର ସ୍ଥିତ ମାଉସୀ ମା'ଙ୍କ ଘରେ ପହଞ୍ଚିଥିଲା। ଦଇତାପତି ରବୀନ୍ଦ୍ର ମୋହନ ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ଦାସ, ସହ ସମ୍ପାଦକ ସୁରେଶ ଅଗ୍ରୱାଲ,ସୂର୍ଯ୍ୟମଣି ପାତ୍ର, ପ୍ରଫୁଲ୍ଲ ସାହୁ, ପ୍ରମୋଦ ଦାସ, ବିଜୟ ମହାନ୍ତି, ରାମ ବିଶ୍ୱାଳ, ମାନସ ନାୟକଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ହନୁମାନ ବାଟିକା ଜଗନ୍ନାଥ ମନ୍ଦିର ପରିସରରେ ପଣ୍ଡିତ ଅଜୟ ଶତପଥୀଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଥିଲା। ପ୍ରାତଃ ସମୟରେ ମନ୍ଦିର କମିଟି ପକ୍ଷରୁ ଜଗନ୍ନାଥଙ୍କ ନେତ୍ର ଉତ୍ସବ ସାଙ୍ଗକୁ ମଙ୍ଗଳଆଳତି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପୂଜା ସହ ମହାପ୍ରଭୁଙ୍କ ଷୋଡଷ ଉପଚାର ପୂଜା କରାଯାଇଥିଲା। ସାଢେ ୨ଟାରେ ଦଇତାପତି ସୁବ୍ରତ ପଟ୍ଟନାୟକ ଛେରାପହଁରା କରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥ ଉପକରୁ ନେଇ ସ୍ଥାପନା କରି ରଥଟଣା ଯାଇଥିଲା। ସେହିଭଳି ଛେଣ୍ଡ ସ୍ଥିତ ଦେବ ବିହାର ମନ୍ଦିର ସେବା ସମିତି ପକ୍ଷରୁ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିରର ମୁଖ୍ୟ ପୂଜକ ମହେଶ୍ୱର ପାଢୀଙ୍କ ତତ୍ତ୍ୱାବଧାନରେ ଜଗନ୍ନାଥଙ୍କ ମଙ୍ଗଳା ଆଳତି, ମଇଲମ୍, ସୂର୍ଯ୍ୟପୂଜା, ଗୋପୂଜା, ଦ୍ୱାରପାଳ ପୂଜା ଷୋଡଷ ଉପଚାର ପୂଜା କରାଯାଇଥିଲା। ସାଢେ ୨ଟାରେ ଦଇତାପତିଙ୍କ ଦ୍ୱାରା ଛେରାପହଁରା କରଯିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥ ଉପରେ ବିରଜମାନ କରାଯାଇ ରଥଟଣା ହୋଇଥିଲା। ଏହି ରଥ କଳିଙ୍ଗବିହାର ସ୍ଥିତ ଗୁଣ୍ଡିଚା ମନ୍ଦିରେ ପହଞ୍ଚିଥିଲା। କାର୍ଯ୍ୟକ୍ରମକୁ ଦେବ ବିହାର ମନ୍ଦିର ସେବା ସମିତିର ସଭାପତି ଅଭୟ କୁମାର ମହାପାତ୍ର, ରମେଶ ଚନ୍ଦ୍ର ଜେନାଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।


କୋଏଲନଗରରେ ରଥାରୂଢ଼ ଜଗନ୍ନାଥ।

## ସୁଇମିଂପୁଲରେ ବୁଡ଼ି ନାବାଳିକା ମୃତ ଘଟଣା: ଥାନାରେ ମାମଲା ରୁଜୁ

ରାଉରକେଲା,୭।୭(ସଙ୍ଗୀତା ଜେନା)

ଛେଣ୍ଡ ଥାନା ଅନ୍ତର୍ଗତ ହକି ଭିଲେଜ ସ୍ଥିତ ମେଫୟାର ଆକ୍ୱାହେଭନ୍ ସୁଇମିଂପୁଲରେ ବୁଡି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥାନାରେ ଏତଲା ହୋଇଛି। ଏ ନେଇ ପୋଲିସ ମାମଲା(ନଂ.୧୪୪/୨୪) ରୁଜୁ କରି ତଦନ୍ତ କରୁଛି। ଏସଡିପିଓ ଉପାସନା ପାଢ଼ୀ ଦେଇଥିବା ସୂଚନାଅନୁଯାୟୀ, ଉକ୍ତ ନାବାଳିକା ଗତ ୨ ମାସରୁ ସେହି ସୁଇମିଂପୁଲରେ ସନ୍ତରଣ ତାଲିମ ନେବାକୁ ଆସୁଥିଲେ। ଘଟଣା ସ୍ଥଳରେ ତାଙ୍କ ମା' ଓ ଟ୍ରେନର ଉପସ୍ଥିତ ଥିଲେ। ଏହି ମାମଲାରେ ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ପାଢ଼ୀ କହିଥିଲେ।

## ଶ୍ରୀଜୀଉଙ୍କ ନବଯୌବନ ବେଶ

ରାଉରକେଲା,୭।୭ (ସଙ୍ଗୀତା ଜେନା)

ଝିରପାଣି ସ୍ଥିତ ନିଳାଦ୍ରୀ ବିହାରୀ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଭୋର ସାଢ଼େ ୩ଟାରେ ଦ୍ୱାରଫିଟା, ମଙ୍ଗଳ ଆରତୀ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଓ ମଙ୍ଗଳାର୍ପଣ, ନେତ୍ରୋତ୍ସବ ଓ ସକାଳ ୯ଟାରେ ନବଯୌବନ ବେଶ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ବ୍ରିଜମୋହନ ଅଗ୍ରୱାଲ, ମହେନ୍ଦ୍ର ମାଝି, ସୁଧାଂଶୁ ଆଚାର୍ଯ୍ୟ, ସତ୍ୟନାରାୟଣ ଅଗ୍ରୱାଲ, ମିତ୍ରଭାନୁ ପଣ୍ଡା, ଶରତଚନ୍ଦ୍ର ପଣ୍ଡା, ଭବାନୀ ଶଙ୍କର ନନ୍ଦ, ବଡ଼ପଣ୍ଡା ଗୋପବନ୍ଧୁ ପଣ୍ଡା, ଦିଲ୍ଲୀପ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପତ୍ରୀ, ପଞ୍ଚାନନ ପତି ସମେତ ସେବାୟତ ନିୟୋଗର ନୃସିଂହ ଚରଣ ପଣ୍ଡା, ଅନୁଭବ ପଣ୍ଡା, ଜୟଶଙ୍କର ଗୌଡ଼, ରଙ୍ଗାଧର ନନ୍ଦ , ଅମିୟ ପଣ୍ଡା, ସିଦ୍ଧାର୍ଥ ପଣ୍ଡା, ରମେଶ ପ୍ରଧାନ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କୁ ୫୬ଭୋଗ ଲାଗି କରାଯାଇଥିଲା। ସୋମବାର ଝିରପାଣିରେ ରଥଯାତ୍ରା ଅନୁଷ୍ଠିତ ହେବ। ସେହିପରି ରାଉରକେଲାର ପ୍ରସିଦ୍ଧି ଲାଭ କରିଥିବା ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ହୋଇଥିଲା। ଏନ୍‌ଆଇଟି ରାଉରକେଲା,କୋଏଲନଗର ଏ ବ୍ଲକ, ସି ବ୍ଲକ, ସେକ୍ଟର-୨୧, ସେକ୍ଟର-୬ , ଜବାଘାଟ ସେକ୍ଟର-୧ , ବାସନ୍ତୀକଲୋନୀ, ହନୁମାନ ବାଟିକା, ଛେଣ୍ଡ ଦେବବିହାର, ଫର୍ଟିଲାଇଜର, ବନ୍ଧମୁଣ୍ଡା, ପାନପୋଷ, ବେଦବ୍ୟାସ ସମେତ ଅନ୍ୟ ସ୍ଥାନରେ ଏହି ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ସମ୍ପନ୍ନ ହୋଇଥିଲା।


ଝିରପାଣି ସ୍ଥିତ ନିଳାଦ୍ରି ବିହାରୀ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ନବଯୌବନ ବେଶ।

## ଆର୍‌ଜିଏଚ୍ ବହିର୍ବିଭାଗରେ ଗଣେଶଙ୍କ ପ୍ରତିମୂର୍ତ୍ତି ସ୍ଥାପିତ

ରାଉରକେଲା,୭।୭(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନାର ବର୍ହି ବିଭାଗ ସମ୍ମୁଖରେ ଗଣେଶଙ୍କ ଏକ ପ୍ରତିମୂର୍ତ୍ତିକୁ ରବିବାର ସ୍ଥାପନା କରାଯାଇଛି। ଏହି କାର୍ଯ୍ୟକ୍ରମ ରୋଟାରି କ୍ଲବ ଅଫ ରାଉରକେଲା କୁଇନ୍ସ ପକ୍ଷରୁ ଆୟୋଜିତ କରାଯାଇଥିଲା। ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି,ସମ୍ମାନିତ ଅତିଥିଭାବେ ଆରଜିଏଚ୍‌ର ନିର୍ଦ୍ଦେଶକ ଡା. ଗଣେଶ ପ୍ରସାଦ ଦାଶ, ଡା. ପଣ୍ଡିତ ସାହୁ, ଡା. ସୀମା ଲାଲ, ରୋଟାରିଆନ ଆଲାମ୍ ସିଂ ରୋପରା, ରୋଟାରିଆନ ଏଫ୍.ସି ମହାନ୍ତି, ରୋଟାରିଆନ ବ୍ରିଜେଶ ଗୁପ୍ତା,


ଆରଜିଏଚ ବହିର୍ବିଭାଗରେ ଅତିଥିମାନେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରୁଛନ୍ତି।

ସଞ୍ଜୟ ପୁରୋହିତ, ରୋଟାରିଆନ ଅଜୟ ଅଗ୍ରୱାଲ, ରୋଟାରିଆନ ଅରୁଣ ଅଗ୍ରୱାଲ, ରୋଟାରିଆନ ପଙ୍କଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିମୂର୍ତ୍ତିକୁ ପଣ୍ଡିତ ବିରେନ୍ଦ୍ର ପାଣ୍ଡେଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଧିପୂର୍ବକ ପୂଜା କରାଯାଇ ଡାକ୍ତରଖାନା ସମ୍ମୁଖରେ ସ୍ଥାପନା କରାଯାଇଥିଲା। ଏହି ପ୍ରୋଜେକ୍ଟକୁ ରୋଟାରିଆନ ପଙ୍କଜ ଅଗ୍ରୱାଲ ଓ ରୋଟାରିଆନ ବ୍ରିଜେଶ ଗୁପ୍ତା ପଦାର୍ପଣ କରିଥିଲେ। ପ୍ରତିମୂର୍ତ୍ତି ସ୍ଥାପନାରେ ରୋଟାରୀ କ୍ଲବ ଅଫ ରାଉରକେଲା କୁଇନ୍ସର ସଭାପତି ବରଖା ଗୁପ୍ତା, ସମ୍ପାଦକ କନକଜିତ ଅଗ୍ରୱାଲ, ରୁଚିକା ଅଗ୍ରୱାଲ, ହରପାଲ ରୁପରା, ରେଷମା ଅଗ୍ରୱାଲ, ଡକ୍ଟର ମନମିନ କୌର, ଗ୍ରୀଷ୍ମା ପରମା, କଞ୍ଚନ ଅଗ୍ରୱାଲ, କୀର୍ତ୍ତି ଅଗ୍ରୱାଲ, ରାନୀ ଛାବ୍ରା, ସୁମନ ଜିନ୍ଦଲ, ଏକତା ସାନଭି, ନିଲୁ ବୁଦ୍ଧରାଜା, ସଙ୍ଗୀତା ଅଗ୍ରୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ରାଉରକେଲା,୭।୭(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ସତ୍ୟବାଦୀ କକ୍ଷରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଉତ୍ସବ କବି ରାଜୀବ ପାଣିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ବକ୍ତାଭାବେ ହାଇଟେକ୍ ମେଡିକାଲ କଲେଜର ଅଧୀକ୍ଷକ ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦେଇ ଗୋପବନ୍ଧୁଙ୍କ କଳ୍ପିତ ଶାସନ ଧାରା ଓ ଆଜିର ବାସ୍ତବତା ଶୀର୍ଷକ ଉପରେ ମତ ପ୍ରକାଶ କରିଥିଲେ। ଗୋପବନ୍ଧୁଙ୍କ ତ୍ୟାଗ, ନିଷ୍ଠା ଓ ନୈତିକତାର ଉଦାହରଣ ଦେଇ ଆଜିର ରାଜନେତମାନେ ତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନାୟକଙ୍କୁ ଗୋପବନ୍ଧୁ ପାଠାଗାର ସହିତ ଅବସରପ୍ରାପ୍ତ କର୍ମଚାରୀ ସଂଘ, ରୋଟାରୀ କ୍ଲବ ରିଭସାଇଡ୍, ଉତ୍କଳ ସ୍ନେହୀ ମହିଳା ସମିତି, ସ୍ୱସ୍ତି ସାହିତ୍ୟ ସଂସଦ, ଇନର ହୁଇଲ କ୍ଲବ, ବସୁଧୈବ କୁଟୁମ୍ବକମ୍ ଓ ଭୁବନେଶ୍ୱରୀ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରଥାରୂଢ଼ ତିନିଠାକୁର: ସବୁଠି ଉତ୍ସାହ, ଉଦ୍ଦୀପନା

ରାଉରକେଲା,୭।୭ (ସଙ୍ଗୀତା ଜେନା)

ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ସମୟରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଅବକାଶ, ବାଲ୍ୟଭୋଗ, ଖେଚୁଡ଼ି ଭୋଗ, ବଡ଼ଧୂପ, ଠାକୁରଙ୍କ ସେଣାପଟା, କଠଉ ଲାଗିପରେ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ପହଣ୍ଡି ହୋଇଥିଲା। ରାଉରକେଲା ଇସ୍ପାତ କାରଖାନା ଡିଆଇସି ଅତନୁ ଭୌମିକ ଛେରାପହଁରା କରିଥିଲେ। ସନ୍ଧ୍ୟା ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ରଥଟଣା କାର୍ଯ୍ୟରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲ୍ଲୀପ ରାୟ, ପୂର୍ବତନ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଉରକେଲା ବିଧାୟକ ସାରଦା ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ମନ୍ଦିର ଟ୍ରଷ୍ଟ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ମିତ୍ରଭାନୁ ପଣ୍ଡା, ବଡପଣ୍ଡା ତ୍ରିନାଥ ପାଢ଼ୀ, ପୂଜକ ପରମେଶ୍ୱର ପତି, ମଣ୍ଟୁ ପଣ୍ଡା, ସେବାୟତ ନିୟୋଗ କମିଟି ସଭାପତି ପ୍ରକାଶ ଦାସ, ସମ୍ପାଦକ କିଶୋର ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ। ଜଗନ୍ନାଥ ସେନା ପକ୍ଷରୁ ଜଗନ୍ନାଥ ପରମ୍ପରା ଓ ଓଡ଼ିଆ ସଂସ୍କୃତି ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧା ଷଡଙ୍ଗୀ, ଯଶୋବନ୍ତ ମହାନ୍ତି, ରଞ୍ଜନ ଲେଙ୍କା, ମୁକ୍ତିକାନ୍ତ ବିଶ୍ୱାଳ, ଅଭିରାମ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ରଥ ସେକ୍ଟର-୫ ସ୍ଥିତ ଗୁଣ୍ଡିଚା ମନ୍ଦିରରେ ରାତିରେ ପହଞ୍ଚିଥିଲା। ସେହିପରି ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ( ଏନ୍‌ଆଇଟି) ରାଉରକେଲାରେ ପ୍ରଥମ କରି ଚଳିତ ବର୍ଷ ରଥଯାତ୍ରା ଅନୁଷ୍ଠିତ ହୋଇଛି। କ୍ୟାମ୍ପସରେ ଥିବା ରାମ ମନ୍ଦିର ପରିସରରେ ଠାକୁର ରାଜା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ ଉମା ମହେଶ୍ୱର ରାଓ ବିଧିବିଧାନ ପୂର୍ବକ ଅପରାହ୍ନ ୪ଟାରେ ଛେରାପହଁରା କରିଥଇଲେ। ୫ଟାରେ ରଥ ଟଣା ହୋଇଥିଲା। ରଥ କ୍ୟାମ୍ପସ ପରିକ୍ରମା କରି ସନ୍ଧ୍ୟାରେ ମଙ୍ଗଳାମନ୍ଦିରରେ ପହଞ୍ଚିଥିଲା। ପୂଜକ କିଶୋର ଦାଶ, ଶିବାନନ୍ଦ ଦାଶ, ପ୍ରଦୀପ ପତି ସମସ୍ତ ପୂଜା ସମ୍ପାଦନ କରିଥିଲେ। ରଥ ଆୟୋଜନ କମିଟିର ଅଧକ୍ଷ କେବି ମହାନ୍ତି, ସଭାପତି କେ ପି ମାଇତି, ଉପସଭାପତି ଡିପି ମହାପାତ୍ର, ସମ୍ପାଦକ କେକେ ଖଟୁଆ, କୋଷାଧ୍ୟକ୍ଷ ଆର ସି ମହାପାତ୍ର ତଥା ପରିଚାଳନା କମିଟିର ସଭାପତି ଶିବ ଶଙ୍କର ମହାପାତ୍ର, ଉପସଭାପତି ରାମଚନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୋଏଲନଗର ସି ବ୍ଲକ ନୀଳକଣ୍ଠେଶ୍ୱର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଠାକୁର ରାଜା ମଧୁସୂଦନ ମହାପାତ୍ର ଛେରାପହଁରା ବିଧି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ୭ଟାରେ ରଥ ସି ବ୍ଲକ ସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ସେହିପରି କୋଏଲନଗର ଏବ୍ଲକ ସ୍ଥିତ ଜଗନ୍ନାଥ ମନ୍ଦିରରେ ବିଧିବିଧାନରେ ନୀତି କରାଯାଇଥିଲା। ପାନପୋଷ ଉପଜିଲାପାଳ ବିଜୟ ନାୟକ ସନ୍ଧ୍ୟା ୫ଟାରେ ଛେରାପହଁରା କରିଥିଲେ। ସନ୍ଧ୍ୟାରେ ସେକ୍ଟର-୨୦ ସ୍ଥିତ ମାଉସୀମା ମନ୍ଦିରରେ ୩ଟିରଥ ପହଞ୍ଚିଥିଲା। ସେକ୍ଟର-୨୧ ଜଗନ୍ନାଥ ମନ୍ଦିରରେ ଠାକୁର ରାଜା ସନ୍ତୋଷ ନାୟକ ଛେରାପହଁରା କରିଥିଲେ।

## ପରିବେଶ ସନ୍ତୁଳନରେ ବୃକ୍ଷ ସହାୟକ ହୋଇଥାଏ

ସମ୍ବଲପୁର,୭।୭(ପ୍ରମୋଦ ବହିଦାର)

ସମ୍ବଲପୁର କ୍ଷେତରାଜପୁର ସ୍ଥିତ ନାନକରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ରାଧେଶ୍ୟାମ ପଣ୍ଡା, ଟିକେଶ୍ୱର ପ୍ରଧାନ, ଶିକ୍ଷୟିତ୍ରୀ ଲିଲିମା ମହାପାତ୍ର, ସୁସ୍ମିତା ଶତପଥୀ, ଅନ୍ନପୂର୍ଣ୍ଣା ନାଏକ, ଗାୟତ୍ରୀ ବହିଦାର ଯୋଗଦେଇଥିଲେ। ଅତିଥିବୃନ୍ଦ ବନମହୋତ୍ସବ ଆୟୋଜନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବୃକ୍ଷ ବିନା ମଣିଷ ଜୀବନ ଅସମ୍ଭବ। ପୁନଶ୍ଚ ବିଶ୍ୱ ତାପମାତ୍ରା ସନ୍ତୁଳନରେ ବୃକ୍ଷ ବିଶେଷଭାବେ ସହାୟକ ହୋଇଥାଏ। ତେଣୁ ପ୍ରଚୁର ପରିମାଣରେ ବୃକ୍ଷ ରୋପଣର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ନିମ୍ବ, ଆମ୍ବ, ସଜନା, ପଣସ, ଲେମ୍ବୁ, ଗମ୍ଭାରୀ ଆଦି ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା।

# ଶିକ୍ଷାକ୍ଷେତ୍ରରେ ଜିଏମ୍‌ୟୁର ଅବଦାନ ଅତୁଳନୀୟ

ସମ୍ବଲପୁର,୭।୭(ପ୍ରମୋଦ ବହିଦାର)

ପଶ୍ଚିମ ଓଡ଼ିଶା କେବଳ ନୁହେଁ, ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ର ଅବଦାନ ଅତୁଳନୀୟ। ଜିଏମ୍‌ୟୁର ୮୦ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ଜବାହର ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶାନ୍ତିଶ୍ରୀ ଧୁଲିପୁଡ଼ି ପଣ୍ଡିତ। ଏହି ଅବସରରେ ସେ ମାନ୍ଦ୍ରାଜ ପ୍ରେସିଡେନ୍ସି କଲେଜ ଓ ଜବାହାର ନେହେରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତାଙ୍କ ଛାତ୍ରୀ ଜୀବନରୁ ଜଣେ ରିସର୍ଚ୍ଚ ସ୍କଲାର ଭାବେ ପ୍ରେରଣାଦାୟକ ଯାତ୍ରାର ଅଭିଜ୍ଞତା ବର୍ଣ୍ଣନ କରିଥିଲେ।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ୧୯୪୪ ମସିହାରେ ସମ୍ବଲପୁର କଲେଜ ଭାବେ ଜନ୍ମ ନେଇ ପରିବର୍ତ୍ତୀକାଳରେ ଗଙ୍ଗାଧର ମେହେର କଲେଜ ଓ ଗଙ୍ଗାଧର




ଜିଏମ୍‌ୟୁ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜିଏମ୍‌ୟୁର ୮୦ତମ ପ୍ରତିଷ୍ଠା ଦିବସ**

ମେହେର ଏକକ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ୮ ଦଶନ୍ଧି ଧରି ଜିଏମ୍‌ୟୁର ସଫଳ ଯାତ୍ରା ପାଇଁ କୁଳପତିଙ୍କଠାରୁ ଆରମ୍ଭ କରି ଅଧ୍ୟାପିକା, ଅଧ୍ୟାପକ ଓ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ନାଗରାଜୁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ପଶ୍ଚିମ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଜିଏମ୍‌ୟୁର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ଉତ୍କର୍ଷତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ନଗଦ ରାଶି ସହିତ ଫଳକ ଓ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏହି ଶିକ୍ଷାନୁଷ୍ଠାନରେ ୧୯୪୫ମସିହାରେ ନାମ ଲେଖାଇଥିବା ଦ୍ୱିତୀୟ ବ୍ୟାଚ ଛାତ୍ର ମକରଧ୍ୱଜ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷାନୁଷ୍ଠାନ ଭିତ୍ତିକ ଏକ ୫ ମିନିଟର ଭିଡ଼ିଓ କାର୍ଯ୍ୟକ୍ରମ ଓ ଏଠାରେ ତାଙ୍କର ବିଗତ ଅନୁଭୂତି ବ୍ୟାଖ୍ୟାନ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲା। ପ୍ରାରମ୍ଭରେ ଉପ-କୁଳ ସଚିବ ଡ. ଉମାଚରଣ ପତି ଓ ଡିନ୍(ଗବେଷଣା) ପ୍ରଫେସର ଜି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଂଲିଶ ବିଭାଗ ସହକାରୀ ପ୍ରଫେସର ଡ. ପି ମୁରଲୀଧର ଶର୍ମା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ କୁଳସଚିବ ସନତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସୀତାକାନ୍ତ



@ ଅଶ୍ୱିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ସମ୍ବଲପୁର

ସମ୍ବଲପୁର,୭।୭(ବି.ଶଙ୍କର)

ସମ୍ବଲପୁର ସହରର ଝାଡୁଆପଡାସ୍ଥିତ ସର୍ବପୁରାତନ ବ୍ରହ୍ମପୁରା ଠାକୁରଙ୍କ ସମେତ ସହରର ୨୫ଟି ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ଓ ୨ ଜଗନ୍ନାଥ ଠାକୁରଙ୍କ କେବଳ ପୂଜାର୍ଚ୍ଚନା ହୋଇଥିଲା। ଶଙ୍ଖ, ଘଣ୍ଟ, ହରିବୋଲ, ହୁଳହୁଳି ଧ୍ୱନିରେ ଉଛୁଳି ପଡିଥିଲା ବିଭିନ୍ନ ଜଗନ୍ନାଥ ମନ୍ଦିର ପରିସର। ସଂପ୍ରଦା, ସଂକୀର୍ତ୍ତନ ମଣ୍ଡଳୀ କଳାକାରଙ୍କ ନୃତ୍ୟବାଦ୍ୟରେ ରଥଟଣା ହୋଇଥିଲା। ବିଭିନ୍ନ ପଡାରେ ପିଲାଙ୍କ ରଥଯାତ୍ରା ଭକ୍ତଙ୍କ ହୃଦୟରେ ଜଗନ୍ନାଥ ସଂସ୍କୃତି ଜାଗ୍ରତ କରିଥିଲା। ରବିବାର ସମ୍ବଲପୁର ସହର ଜୟ ଜଗନ୍ନଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଭକ୍ତମାନେ ଯୋଡି ହସ୍ତରେ ଜଗନ୍ନାଥ ମନ୍ଦିରଗୁଡିକ ସମ୍ମୁଖରେ ଛିଡା ହୋଇ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି।

ସର୍ବପୁରାତନ ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କଠାରେ ପ୍ରାତଃ ସାଢେ ୩ଟାରେ ସକାଳ ଧୂପ, ସକାଳ ୫ଟାରେ ସକାଳ ଆଳତୀ, ସକାଳ ୯ଟାରୁ ପୂର୍ବାହ୍ନରେ ୧୦ଟାରେ ନବଯୌବନ ବେଶ ଦର୍ଶନ, ୧୦ଟା ୧୫ରେ ଭୋଗ ଲାଗି ନୀତି, ପୂର୍ବାହ୍ନ ୧୦ଟା ୩୦ରେ ମହାପ୍ରଭୁଙ୍କ ବେଶ, ଅପରାହ୍ନ ୧ଟା ୩୦ରେ ମଙ୍ଗଳ ଆଳତୀ, ଅପରାହ୍ନ ୨ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ ଓ ୩ଟାରେ ଚେରାପହଁରା, ଠାକୁର ରଥାରୁଢ ହେବାପରେ ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ମହାଆଳତୀ



ରବିବାର ସମ୍ବଲପୁରରେ ସୁସଜ୍ଜିତ ମୁଦିପଡା ଠାକୁର।

ଓ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନ ସାଢ଼େ ୩ଟା ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶିଶୁମାନଙ୍କ ରଥଛୁଆଁ ହୋଇଥିଲା। ସନ୍ଧ୍ୟା ୫ଟାରେ ବ୍ରହ୍ମପୁରା ଠାକୁରଙ୍କ ରଥଟଣା ହୋଇଥିଲା। ସନ୍ଧ୍ୟା ୭ଟାରେ ରଥ ଦଲେଇପଡା ଛକରେ ପହଞ୍ଚିଥିଲା। ସୋବାର ଅପରାହ୍ନ ୪ଟାରେ ପୁଣି ରଥଟଣା ନୀତି ରହିଛି।

ସହରରେ ଫ୍ଲାଏ ଓଭର ନିର୍ମାଣ ଯୋଗୁ ବିନାଖଣ୍ଡି ସ୍ଥିତ ମାଉସୀ ମା' ମନ୍ଦିରକୁ ରଥଗୁଡିକ ଯାଇପାରିବ ନାହିଁ। ଝାଡୁଆପଡା ପଡାର ବରିଷ୍ଠ ନାଗରିକ ଅମରନାଥ ସୂପକାର ଛେରାପହଁରା କରିଥିଲେ। ବ୍ରହ୍ମପୁରା ଟ୍ରଷ୍ଟ ସଭାପତି ସରୋଜ ଦଲପତ, ସଭ୍ୟ ସୁଶାନ୍ତ ପୁରୋହିତ, ସଞ୍ଜୟ କୁମାର ମିଶ୍ର, ଅଭିଷେକ ମିଶ୍ରଙ୍କ ସମେତ ଯୁବ ଉଦୟନ ସଭ୍ୟମାନେ ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ବାଲିବନ୍ଧା ରଘୁନାଥ ଜୀ ଓ କମିଶନର୍ସ କଲୋନୀ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା, କିନ୍ତୁ ରଥ ଟଣା ହୋଇ ନ ଥିଲା। ସେହିପରି ରାମଜୀ ଗୁଡି ନିକଟସ୍ଥ କୁଠା ଜଗନ୍ନାଥ ରଥାରୂଢ଼ ହୋଇଥିଲେ। ତେବେ ପରମ୍ପରା ଅନୁସାରେ ରଥ ଟଣା ହୋଇ ନ ଥିଲା। କମଲିବଜାର ଗୋପାଳଜୀ ମଠସ୍ଥିତ ଶ୍ରୀଜଗନ୍ନାଥ ଠାକୁରଙ୍କ ଛୋଟ

**ପଶ୍ଚିମ ଓଡିଶାର ନିଆରା ପରମ୍ପରା ଶିଶୁଙ୍କ ରଥଛୁଆଁ**

ବିଗ୍ରହଙ୍କୁ ରଥାରୂଢ଼ କରାଯାଇ ଟଣା ହୋଇଥିଲା। ବାଟରେ କୁଠା ଜଗନ୍ନାଥଙ୍କ ପ୍ରତିନିଧି ଭାବେ ଛୋଟ ବିଗ୍ରହଙ୍କୁ ଛେରାପହଁରା କରାଯାଇ ରଥାରୂଢ଼ କରାଯାଇଥିଲା। ଏହି ଦୁଇ ମନ୍ଦିରର ଠାକୁର ଗୋଟିଏ ରଥରେ ଆରୁଢ଼ ହେବାପରେ ରଥ ଟଣା ଯାଇଥିଲା। ରଥ ସନ୍ଧ୍ୟାରେ ବାଲିବନ୍ଧା ଗୀତାଗୁଡି ଛକ ପର୍ଯ୍ୟନ୍ତ ଆସିଥିଲା। ରଥକୁ ଦକ୍ଷିଣ ମୁହାଁ କରି ଆଳତୀ ହୋଇଥିଲା। ଏହାପରେ ରଥ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିସହ ଛୋଟ ଶିଶୁମାନଙ୍କୁ ସୁସଜ୍ଜିତ କରି ପରିବାରର ମୂରବୀମାନେ ରଥ ଛୁଆଁଇବାକୁ ଆସିଥିଲେ। ଛୋଟ ଶିଶୁଙ୍କୁ ପୂଜକମାନେ ନେଇ ରଥାରୁଢ଼ ଠାକୁରଙ୍କୁ ସ୍ପର୍ଶ କରାଇ ମହାପ୍ରଭୁଙ୍କ ଆଶୀର୍ବାଦ ସ୍ୱରୂପ ତୁଳସୀ ମାଳା ପିନ୍ଧାଇ ଥିଲେ। ଫଳରେ ଠାକୁରଙ୍କ ଆର୍ଶିବାଦରୁ ଶିଶୁମାନେ ନିରୋଗ ରହିଥିବା ବିଶ୍ୱାସ ରହିଛି। ଅପରପକ୍ଷେ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଅଇଁଠାପାଲି ଶୁଭଶ୍ରୀ ବିହାରଠାରେ ପ୍ରସିଦ୍ଧ ପୁରୀ ରଥ ଯାତ୍ରା ସଦୃଶ୍ୟ ରଥରେ ଠାକୁରଙ୍କୁ ରଥାରୂଢ଼ କରି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏହା ପରେ ଭକ୍ତାମାନେ ରଥ ଟାଣି ଥିଲେ। ଏଥିରେ ଶୁଭଶ୍ରୀ ବିହାରବାସୀଙ୍କ ସମେତ ଘଣ୍ଟ ଓ କିର୍ତ୍ତନ କଳାକାର ସାମିଲ ହୋଇଥିଲେ। ଯୁବ ଚିତ୍ରଶିଳ୍ପୀ ଜ୍ୟୋତିରାଦିତ୍ୟ ମହାନ୍ତି

## ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

ସମ୍ବଲପୁର,୭।୭ (ଭବାନୀ ଶଙ୍କର ଭୋଇ)

ଶିଶୁ ମାନଙ୍କ ପାଇଁ କାର୍ଯ୍ୟ କରୁଥିବା ବୁର୍ଲାର ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରବିବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ଯତୀନ୍ଦ୍ର ମୋହନ ପଣ୍ଡା, ହିମାଂଶୁ ଶେଖର ଠାକୁର ଓ ପ୍ରଣବାନନ୍ଦ ପଣ୍ଡା ଅତିଥିଭାବେ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ। ଅତିଥିମାନେ ଗୋପବନ୍ଧୁଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଶିଶୁ ସ୍ନେହା ଓରାମ, ହେତଲ କୁମ୍ଭାର, ପ୍ରିୟରଞ୍ଜନ ଅଣ୍ଡିଲ, ଅମନ ପାଢ଼ୀ, ପ୍ରତ୍ୟୁଷ ଓରାମ, ରଶ୍ମିତା ଓରାମ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଛାତ୍ରୀ ତଥା ଓରାମ ପଡାର ଶିଶୁ ପ୍ରିୟା ଓରାମ ନିଜସ୍ୱ ପ୍ରଚେଷ୍ଟାରେ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ର ଅଙ୍କନ କରି ଅତିଥିମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ। ଆଗାମୀ ଦିନରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଉତ୍କଳମଣିଙ୍କ ଜୀବନୀ ବିଷୟରେ ଆଲୋଚନାଚକ୍ର ଓ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ସରକାରୀ ମହିଳା ମହାବିଦ୍ୟାଳୟରେ ବନ ମହୋତ୍ସବ




ବନ ମହୋତ୍ସବରେ ସାମିଲ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀଙ୍କ ସହ ଛାତ୍ରୀମାନେ।

ସମ୍ବଲପୁର, ୭।୭(ପ୍ରମୋଦ ବହିଦାର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନ ବିଭାଗ, ଶ୍ରୀସତ୍ୟସାଇ ସେବା ସଙ୍ଗଠନ ସମ୍ବଲପୁରର ମିଳିତ ସହଯୋଗରେ ଚାରାରୋପଣ ସହିତ ବିହନ ଗୋଳା ତିଆରି ଅଭିଯାନ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ନେତୃତ୍ୱରେ ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବିକାଙ୍କ ସହ ଛାତ୍ରୀମାନେ ବନ ବିଭାଗ ପକ୍ଷରୁ ପ୍ରଦତ୍ତ ବିହନକୁ ନେଇ ମାଟିଗୋଳା ତିଆରି କରିଥିଲେ। ସେହିପରି ଶ୍ରୀସତ୍ୟସାଇ ସେବା ସଙ୍ଗଠନ ସମ୍ବଲପୁର ପକ୍ଷରୁ ପ୍ରଦତ୍ତ ଚାରାଗୁଡ଼ିକୁ ମହାବିଦ୍ୟାଳୟର ଚତୁଃପାର୍ଶ୍ୱରେ ପିଜୁଳି, ଆମ୍ବ, ଜାମୁକୋଳି, ପଣସ, ଶାଳ, ଶାଗୁଆନ ଆଦି ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଏଥିରେ ସଙ୍ଗଠନରେ ସ୍ୱେଚ୍ଛାସେବୀମାନେ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା କେ.ମାଧୁରୀ, ମୋନାଶ୍ରୀ ପାଣିଗ୍ରାହୀ ଓ ଅଧ୍ୟାପକ ଦୀପକ କୁମାର ଓଝାଙ୍କ ସହିତ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଥିଲେ।



ରବିବାର ସେବାୟତ ଓ ଭକ୍ତମାନେ ସମ୍ବଲପୁର ଝାଡୁଆପଡ଼ାଠାରେ ବ୍ରହ୍ମପୁରା(ଜଗନ୍ନାଥ) ଠାକୁରଙ୍କ ପହଣ୍ଡି ବିଜେ ନୀତି କରୁଛନ୍ତି।



■ ଧନୁପାଲି ଗୋପାଳଜୀ ମନ୍ଦିର ପକ୍ଷରୁ ଆୟୋଜିତ ବଳଭଦ୍ର ଠାକୁରଙ୍କ ପହଣ୍ଡି ବିଜେ ନୀତି।



■ ଝାଡୁଆପଡ଼ାଠାରେ ରଥାରୂଢ଼ ବ୍ରହ୍ମପୁରା ଠାକୁରଙ୍କଠାରେ ପଶ୍ଚିମ ଓଡ଼ିଶାର ନିଆରା ପରମ୍ପରା ଶିଶୁଙ୍କ ରଥଛୁଆଁ ନୀତି।



ଧନୁପାଲି ଗୋପାଳଜୀ ଠାକୁରଙ୍କ ରଥଯାତ୍ରାରେ କଳାକାରମାନେ ସଂପ୍ରଦା ପରିବେଷଣ କରୁଛନ୍ତି।



■ ଶୁଭମ୍ କଲୋନୀଠାରେ ପୁରୀ ରଥ ସଦୃଶ ରଥ ନିର୍ମାଣ କରାଯାଇ ଠାକୁରଙ୍କୁ ରଥାରୂଢ଼ କରାଯାଇଛି।



■ ଝାଡୁଆପଡା ରଥଯାତ୍ରାରେ କୁନି ପିଲାମାନେ ଘଣ୍ଟବାଦ୍ୟ କରୁଛନ୍ତି।

